## ବସ୍ତିବାସିନ୍ଦାଙ୍କୁ ସହାୟତା ପ୍ରଦାନ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ରାଜଗୋପାଳ ନଗର ବସ୍ତିବାସିନ୍ଦାଙ୍କୁ ସହାୟତାର ହାତ ବଢାଇଛି ଷ୍ଟଙ୍ଗର ଟୁଗେଦର ଗ୍ରୁପ। ଏହି ଗ୍ରୁପ ପକ୍ଷରୁ ରବିବାର ମାଗଣାରେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ଛତା ବଣ୍ଟନ କରାଯାଇଛି। ସେହିପରି ବସ୍ତିର ଛୋଟ ଛୋଟ ପିଲାମାନଙ୍କୁ ଖାତା, ପେନସିଲ ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ପ୍ରତି ମାସରେ ଏହି ଭଳି ସାମାଜିକ କାର୍ଯ୍ୟକ୍ରମ ଷ୍ଟଙ୍ଗର ଟୁଗେଦର ପକ୍ଷରୁ କରାଯାଉ ଥିବାରୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତିକ୍ଷା ପ୍ରିୟଦର୍ଶିନୀ ଠାକୁର, ପ୍ରଜ୍ଞା ଦାସ, ଭାରତୀ ବେହେରା, ଆଲୋକ ସାହୁ, ଶିବା ଆଚାରୀ, ଦେବାଶିଷ ରଥ ପ୍ରମୁଖ ସାମିଲ ହୋଇଥିଲେ।

# କଳାକାର ଭତ୍ତାରେ ବି ଆଞ୍ଚଳିକ ବୈଷମ୍ୟ

ବଲାଙ୍ଗୀର ଅଫିସ,୩।୭

- ୧୫୬୬ କଳାକାରଙ୍କ ମଧ୍ୟରୁ ପଶ୍ଚିମ ଓଡ଼ିଶାର ମାତ୍ର ୬୧ଜଣଙ୍କ ନାମ କେନ୍ଦ୍ର ସରକାରଙ୍କ ଭତ୍ତା ଓ ସହାୟତା ପାଇଁ ସୁପାରିସ
- ପଶ୍ଚିମ ଓଡ଼ିଶାର ଲୋକକଳା, କଳାକାରଙ୍କୁ ଅବହେଳା
- ସୂଚନା ଅଧିକାର ଆଇନ ତଥ୍ୟରୁ ସ୍ପଷ୍ଟ ହେଉଛି ଚିତ୍ର

ପଶ୍ଚିମ ଓଡ଼ିଶା ପ୍ରତି ଆଞ୍ଚଳିକ ବୈଷମ୍ୟ ଅଭିଯୋଗ ଢେର ପୁରୁଣା। ରାଜ୍ୟ ହେଉ ବା କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶା ପାଇଁ ଆଞ୍ଚଳିକ ବୈଷମ୍ୟ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏବେ କଳାକାର ଭତ୍ତା ପ୍ରଦାନରେ ବି ଆଞ୍ଚଳିକ ବୈଷମ୍ୟ ସୂଚନା ଅଧିକାର ଆଇନ ତଥ୍ୟରୁ ସ୍ପଷ୍ଟ ହୋଇଥିବା ଜଣାପଡିଛି।

ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭଗ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି ଯେ, ୨୦୨୧ମସିହାରେ ରାଜ୍ୟ ସରକାର କେନ୍ଦ୍ରୀୟ ପେନ୍‌ସନ ଓ ଚିକିତ୍ସା ସହାୟତା ପାଇଁ ରାଜ୍ୟର ସମୁଦାୟ ୧୫୬୬ ଜଣ ଦୁଃସ୍ଥ କଳାକାରଙ୍କ ନାମ ୫ଟି ପର୍ଯ୍ୟାୟରେ କେନ୍ଦ୍ରକୁ ସୁପାରିସ କରିଥିଲେ। ରାଜ୍ୟ ସରକାରଙ୍କ ଭତ୍ତା ପାଉଥିବା ଏହି ୧୫୬୬ କଳାକାରଙ୍କ ମଧ୍ୟରୁ ପଶ୍ଚିମ ଓଡ଼ିଶାରୁ ମାତ୍ର ୬୧ଜଣଙ୍କ ନାମ କେନ୍ଦ୍ର ସରକାରଙ୍କ ଭତ୍ତା ଓ ସହାୟତା ପାଇଁ ସୁପାରିସ କରାଯାଇଛି। ୨୦୧୯ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ସମୁଦାୟ ୩୪୮ ଜଣ ଭତ୍ତା ପାଉଥିବା କଳାକାରଙ୍କ ନାମ କେନ୍ଦ୍ରୀୟ ଭତ୍ତା ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୨ ଜଣ ପଶ୍ଚିମ ଓଡ଼ିଶାର କଳାକାର ରହିଥିବା ଜଣାଯାଇଛି। ୨୦୧୮ ମସିହାରେ ରାଜ୍ୟର ସମୁଦାୟ ୧୧୪ଜଣଙ୍କ ନାମ ସୁପାରିସ କରାଯାଇଥିଲା। ଏହା ମଧ୍ୟରୁ ମାତ୍ର ୨୭ଜଣ ପଶ୍ଚିମ ଓଡ଼ିଶାର କଳାକାର। ସେହିବର୍ଷ ମାତ୍ର ୩ ଜଣ ଆକାଶବାଣୀ କଳାକାରଙ୍କ ନାମ ମଧ୍ୟ ଏହି ୧୧୪ ଜଣଙ୍କ ମଧ୍ୟରେ ରହିଥିଲା। ତେବେ ଉକ୍ତ ତିନିଜଣ ଯାକ କଟକର ବୋଲି ଜଣାଯାଇଛି। ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ପ୍ରତିଭାବାନ ଦୁଃସ୍ଥ ଓ ଅସହାୟ କଳାକାର ରହିଥିବାବେଳେ ସେମାନଙ୍କୁ ସରକାରଙ୍କ ଆର୍ଥିକ ସହାୟତା ଯୋଜନାରେ ସାମିଲ କରାଯାଇ ପାରୁନାହିଁ । ଉକ୍ତ ଅଞ୍ଚଳର କଳାକାରମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ସେମାନେ କିଭଳି ଓ କେବେ ଆବେଦନ କରିପାରିବେ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀସ୍ତରରେ ସଚେତନ କରାଯାଇପାରୁନାହିଁ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାରମାନଙ୍କୁ ୧୨୦୦ଟଙ୍କା ପେନ୍‌ସନ ବାବଦକୁ ଦେଉଥିବା ବେଳେ କେନ୍ଦ୍ରର ଆର୍ଥିକ ସହାୟତା ପାଇଁ ଯୋଗ୍ୟତାଭିତ୍ତିରେ ସୁପାରିସ କରିଥାନ୍ତି। ରାଜ୍ୟ ସହାୟତା ପାଇଁ ଯୋଗ୍ୟତା ବୟସ ପୁରୁଷ କଳାକାରଙ୍କ ପାଇଁ ୫୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ମହିଳା କଳାକାରଙ୍କ ପାଇଁ ୪୦ ବର୍ଷରୁ କମ୍ ରହିଛି। ସେହିଭଳି କେନ୍ଦ୍ରୀୟ ସହାୟତା ପାଇଁ ସର୍ବନିମ୍ନ ବୟସ ସୀମା ୬୦ବର୍ଷ ରହିଛି । ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ସୂଚନା ଅଧିକାର ଆଇନ ବଳରେ ଉପରୋକ୍ତ ତଥ୍ୟ ମାଗିବା ପରେ ପ୍ରେସ୍ ବିଜ୍ଞପ୍ତିରେ ପଶ୍ଚିମ ଓଡ଼ିଶାର କଳାକାରଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ଆଧୁନିକ ଯନ୍ତ୍ର ସଙ୍ଗୀତ ପ୍ରଭାବରେ ପଶ୍ଚିମ ଓଡ଼ିଶାର କଳାକାରମାନେ କିଭଳି ଦୟନୀୟ ସ୍ଥିତିକୁ ଆସିଛନ୍ତି ଏବଂ ପାରମ୍ପରିକ କଳା ଓ କଳାକାରମାନେ କିପରି ଦୁଃସ୍ଥିତିର ସମ୍ମୁଖୀନ ହେଉଛନ୍ତି ଏହା ସର୍ବଭାରତୀୟ ଓ ବିଶ୍ୱସ୍ତରରେ ପ୍ରଶଂସିତ ହୋଇଥିବା ଭୂଖା ଚଳଚ୍ଚିତ୍ରରେ ନିଚ୍ଛକ ଭାବେ ପ୍ରଦର୍ଶନ କରାଯାଇଥିଲା। କିନ୍ତୁ ସରକାର ତଥାପି ଉଦାସୀନ ରହିବା ପଶ୍ଚିମ ଓଡ଼ିଶା ପ୍ରତି ଆକ୍ରୋଶମୂଳକ ଅବହେଳା ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା ଅଭିଯୋଗ କରିଛନ୍ତି।



ଦେଓଗାଁ ବ୍ଲକ ସାଲେପାଲି ମାଉସୀ ମା ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ବରାହ ଅବତାର।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**୩ମାସ ତଳେ ବିବାହ କରିଥିଲେ**

**ଖପ୍ରାଖୋଲ,୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଡୁଡ଼କିପଦର ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ତାଙ୍କ ଘରୁ ଜବତ କରିଛି। ମୃତକ ହେଲେ ଗଣେଶ ବରିହା(୩୦)। ସୂଚନା ଅନୁସାରେ ପରିବାର ସହ ଶନିବାର ରାତିରେ ଗଣେଶ ଘରେ ଶୋଇଥିଲେ। ହେଲେ ରବିବାର ସକାଳେ ତାଙ୍କ ସ୍ତ୍ରୀ ଉଠିଲା ପରେ ଗଣେଶଙ୍କ ଝୁନ୍ତୋ ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ପୋଲିସକୁ ଜଣାଇବା ପରେ ଖପ୍ରାଖୋଲ ପୋଲିସ ମୃତଦେହ ଜବତ କରିଥିଲେ। ସୂଚନାଯୋଗ୍ୟ କି, ଗଣେଶ ତିନି ମାସ ତଳେ ବିବାହ କରିଥିଲେ। ଜେସିବି ଡ୍ରାଇଭର ଭାବେ ସେ କାମ କରୁଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରକୁ ବିପଦ ସୃଷ୍ଟି କରୁଥିବା ଗଛ କଟା ଯାଉନି

**ଲାଠୋର,୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅଧୀନ ପିପଲବାହାଲ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ନଂ ୧ ପାଖରେ ଏକ ପୁରୁଣା ମହୁଲ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଗଛକୁ କାଟିବା ପାଇଁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଥିଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ମହୁଲ ଗଛଟି ପୋଲା ହୋଇ ଯାଇଥିବା ବେଳେ କେତେବେଳେ ଭାଙ୍ଗି ପଡିବ କହି ହେଉନାହିଁ। ପୁନଶ୍ଚ ଗଛ ବିଦ୍ୟୁତ୍ ଖୁଣ୍ଟକୁ ଢଳି କରି ରହିଥିବାରୁ ଅଧିକ ବିପଦ ଆଶଙ୍କା ରହିଛି। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ କୌଣସି ବ୍ୟବସ୍ଥା କରାଗଲାନାହିଁ। ଏପରି ଅବସ୍ଥାରେ ଯଦି ଗଛ ଭାଙ୍ଗି କାହାର କିଛି କ୍ଷତି ଘଟେ ତାହେଲେ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏନେଇ ପାଟଣାଗଡ଼ ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀଙ୍କୁ ଯୋଗାଯୋଗ କରିବାରୁ ରେଞ୍ଜରଙ୍କୁ କହି ଯଥାଶୀଘ୍ର ସମସ୍ୟାର ସାମଧାନ କରାଯିବ ବୋଲି କହିଛନ୍ତି।

### ଶ୍ୟାମଳ ଦଳିତ ସାହିତ୍ୟ ଏକାଡ଼େମୀ ଜାତୀୟ ସମ୍ପାଦକ ମନୋନୀତ

**ଲାଠୋର,୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଗ୍ରାମର ଶ୍ୟାମଳ ସୁନା ଭାରତୀୟ ଦଳିତ ସାହିତ୍ୟ ଏକାଡ଼େମୀର ଜାତୀୟ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ସେ ଏହି ପଦ ପାଇଁ



ମନୋନୀତ ହେବା ପୂର୍ବରୁ ସଂଗଠନର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ଏବଂ ସଭାପତିଭାବେ କାମ କରି ସାରିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳରେ ଲୁଚି ରହିଥିବା ଅନେକ ପ୍ରତିଭାଙ୍କୁ ଜାତୀୟସ୍ତରକୁ ପହଞ୍ଚାଇବାରେ ତାଙ୍କର ଭୂମିକା ରହିଛି। ବର୍ତ୍ତମାନ ସେ ବଲାଙ୍ଗୀର ଜିଲା ବଡ଼ମାଲସ୍ଥିତ ଗୋଳା ବାରୁଦ କାରଖାନେରେ କାର୍ଯ୍ୟରତ ଅଛନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଜାତୀୟସ୍ତରରେ ପରିଚିତ କରାଇବା ତାଙ୍କର ମୂଳ ଲକ୍ଷ ହେବ ବୋଲି ସୁନା କହିଛନ୍ତି।

### ମାତୃପିତୃ ଚରଣ ବନ୍ଦନା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୩।୭(ଡି.ଏନ.ଏ):** ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଜିଲା ଷାଠିଏ ଘର ଡୁମାଲ ସମାଜର ପକ୍ଷରୁ ମାତାପିତା ଚରଣ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିତାମାତ,ଗୁରୁଜନ ଓ ଭଗବାନଙ୍କ ଚରଣ ବନ୍ଦନା କଲେ ଜୀବନରେ ଶାନ୍ତି, ସମୃଦ୍ଧି ଓ ସଫଳତା ମିଳିଥାଏ । ଉଚ୍ଚଲକ୍ଷ ନେଇ ଏକାଗ୍ରତା ସହ ପରିଶ୍ରମ କଲେ ସଫଳତା ଆପଣା ଛାଏ ମିଳିବ । ଏହି ମନ୍ତ୍ରକୁ ପାଥେୟ କରି ଯୁବପୀଢ଼ି ଆଗକୁ ବଢିବାକୁ ଜଗଦାନନ୍ଦ ଛୁରିଆ, ଟେକାମଣୀ ମହାକୁର, ଡା.ରାଧାକାନ୍ତ ବାଗ, ନାରାୟଣୀ କର୍ମୀ, ଶର୍ମିଷ୍ଠା ପଧାନ, ପ୍ରମିଳା ମହାକୁର, ଭୋଳାନାଥ ଗୁରାଣ୍ଡି, ରାଧିକା ଡାଙ୍ଗ, ଲକ୍ଷ୍ମୀ ମହାକୁର, ମକାରୁ ମହାକୁର, ସରସ୍ୱତୀ ମହାକୁର ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୁବପୀଢ଼ିଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଆଇନଜୀବୀ ଜଗନ୍ନାଥ କରଣ, ରମାକାନ୍ତ ପଧାନ, ତୀର୍ଥ ପଧାନ, ବରୁଣ ବଘାର, ଶରତ ଖମାରୀ, କୃତ୍ତିବାସ କର୍ମୀଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ସଭାପୂର୍ବରୁ ମାତାପିତାଙ୍କ ଚରଣ ବନ୍ଦନା କରାଯାଇଥିଲା।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ



ରାଉରକେଲା ବନଖଣ୍ଡ ପକ୍ଷରୁ ଚାରା ବିତରଣ କରାଯାଉଛି ।

ରାଉରକେଲା ଅଫିସ,୩।୭

ରାଉରକେଲା ବିଶ୍ରା ଛକଠାରେ ରାଉରକେଲା ବନଖଣ୍ଡ ପକ୍ଷରୁ ଖୋଲା ଯାଇଥିବା ଚାରା ବିତରଣ କେନ୍ଦ୍ରକୁ ରବିବାର ଉଦ୍‌ଘାଟନ କରାଯାଇଛି। ରାଉରକେଲା ବନଖଣ୍ଡ ପକ୍ଷରୁ ୭୩ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଉରକେଲା ଆରସିସିଏଫ୍ ଡ. ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ରାଉରଲେକଲା ଡିଏଫ୍‌ଓ ଯଶୋବନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ଉଭୟ ଅତିଥି ଲୋକଙ୍କୁ ଚାରା ବିତରଣ କରିଥିଲେ। ରାଉରକେଲା ବନ ବିଭାଗ ପକ୍ଷରୁ ସହରକୁ ସବୁଜ ଓ ସୁନ୍ଦର କରିବା ପାଇଁ ଚଳିତ ବର୍ଷ ୧୦ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନିତ କରିବା ପାଇଁ ସହରର ବିଭିନ୍ନ ସ୍ଥାନରେ ୨୧ଟି ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ପ୍ରାୟ ୨ମାସ ମଧ୍ୟରେ ଲୋକଙ୍କୁ ବିଭିନ୍ନ କିସମର ଚାରା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଅତିଥି ମିଶ୍ର ସୂଚନା ଦେଇଛନ୍ତି। ରାଉରକେଲା ରେଞ୍ଜର ରାଜେଶ ରଜକ, ଫରେଷ୍ଟର ହରିଶ ଜେନା, ଫରେଷ୍ଟ ଗାର୍ଡ ରଜତ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

ଲୋଇସିଂହା,୩।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ମୁରସୁଣ୍ଡି ଗ୍ରାମ ନିକଟ ଅଙ୍ଗନଦୀ କୂଳରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ନିଖୋଜ ଥିବା ସୁବର୍ଣ୍ଣପୁର ଜିଲା ଦିଗଶିରା ଗ୍ରାମର ବବଲୁ ମେହେର(୨୨) ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରଛନ୍ତି। ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଲୋଇସିଂହା ଥାନାରେ ଏକ ଅପମୃତ୍ୟୁ ମାମଲା(୨୦/୨୨)ରୁଜୁ ହୋଇଥିବା ସାଲେଭଟା ଏଏସଆଇ ସୁଶାନ୍ତ ଭୋଇ କହିଛନ୍ତି। ପୋଲିସ ସୂଚନା ମତେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଦିଗଶିରା ଗ୍ରାମର ବବଲୁ ଗତ ଜୁନ ୨୭ତାରିଖରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନପାଇବାରୁ ୨୯ତାରିଖରେ ଡୁଙ୍ଗରିପାଲି ଥାନାରେ ଏତଲା ଦେଇଥିଲେ । ମୁରସୁଣ୍ଡି ଗ୍ରାମର ଲୋକେ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ମୋବାଇଲ ରିଙ୍ଗ ହେଉଥିବା ଏବଂ ଲାଇଟ ଜଳୁଥିବା ଦେଖିବାକୁ ପାଉଥିଲେ। ହେଲେ ଶନିବାର ସେହି ଅଞ୍ଚଳରୁ ଦୁର୍ଗନ୍ଧ ଆସୁଥିବାରୁ ଗଳିତ ଶବ ଆଶଙ୍କା କରି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଶନିବାର ସନ୍ଧ୍ୟାରେ ଲୋଇସିଂହା ଓ ସାଲେଭଟା ପୋଲିସ ଘଟଣାସ୍ଥଳକୁ ଯାଇ ଗଛରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଥଇବା ଦେଖିବାକୁ ପାଇଥିଲେ। ଗାଁର ଜଣେ ଯୁବତୀଙ୍କ ସହ ବାବଲୁଙ୍କ ପ୍ରେମ ସମ୍ପର୍କ ଥିଲା। ସମ୍ପୃକ୍ତ ଯୁବତୀଙ୍କ ଆକସ୍ମିକ ମୃତ୍ୟୁ ପରେ ଭାଙ୍ଗି ପଡି ବବୁଲ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କୁହାଯାଉଛି। ଅପରପକ୍ଷେ ବବଲୁଙ୍କୁ ହତ୍ୟା କରାଯାଇଥାଇ ପାରେ ବୋଲି ଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

# ସବ୍‌ରେଜିଷ୍ଟ୍ରି ଅଫିସକୁ ଡକ୍ୟୁମେଣ୍ଟ ମାଗିଲା ପୋଲିସ

ବଲାଙ୍ଗୀର ଅଫିସ, ୩।୭

**ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା**

ଧୁମାମରା ଗ୍ରାମର ମୃତ ବ୍ୟକ୍ତି ହର୍ଷ ଷାଣ୍ଢଙ୍କ ନାଁରେ ଜମିବିକ୍ରି ଘଟଣା ଏବଂ ଏଥିରେ ବଲାଙ୍ଗୀର ତହସିଲଦାର ମଘବନ ବାଗଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ସଦର ଥାନା ପୋଲିସ ମାମଲା (୨୯୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତ ପାଇଁ ଘଟଣାର ସମସ୍ତ ସମ୍ପର୍କିତ ଡକ୍ୟୁମେଣ୍ଟ ବଲାଙ୍ଗୀର ସବ୍‌ରେଜିଷ୍ଟ୍ରି ଅଫିସକୁ ମାଗିଛି। ସବରେଜିଷ୍ଟ୍ରି ଅଫିସ ପକ୍ଷରୁ କିଛି ଡକ୍ୟୁମେଣ୍ଟ ଆଣି ସଦର ଥାନାରେ ଦିଆଯାଇଥିଲା। ତେବେ ଏହି ମାମଲାର ସମ୍ପୂର୍ଣ୍ଣ ଦଲିଲ ଅଣାଯାଇ ନ ଥିବାରୁ ଏହା ଶୀଘ୍ର ଆଣି ଦାଖଲ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଏହି ଡକ୍ୟୁମେଣ୍ଟ ଆଣିଲେ ଏହାର ଭେରିଫିକେଶନ୍ କରାଯାଇ ତଦନ୍ତ ତ୍ୱରାନ୍ୱିତ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

ଧୁମାମରା ଗ୍ରାମର ହର୍ଷ ଷାଣ୍ଢଙ୍କ ୨୦୦୫ ମସିହାରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ମାସରେ ତାଙ୍କ ନାଁରେ ଥିବା ଜମିରୁ ପ୍ରଥମେ ୫୦ଡିସମିଲ ଏବଂ ପରେ ୧ଏକର୫୦ ଡିସିମିଲ ଜମି ହଡପ୍ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ନାଁରେ ଯେଉଁ ବୃଦ୍ଧ ବ୍ୟକ୍ତିଙ୍କୁ ସବ୍‌ରେଜିଷ୍ଟ୍ରାର ଅଫିସରେ ହାଜର କରାଯାଇଥିଲା ସେ ହେଉଛନ୍ତି ପୁଇଁତଳା ଥାନା ଶିକାବେହେଙ୍ଗା ଗ୍ରାମର ଉତ୍ତମ ନାଗ। ଏହି ଉତ୍ତମ ନାଗ ହେଉଛନ୍ତି ମୃତ ହର୍ଷ ଷାଣ୍ଢଙ୍କ ବଡପୁଅ ଲାଲ ଷାଣ୍ଢଙ୍କ ସମୁଦି। ଲାଲ ଷାଣ୍ଢଙ୍କ ବଡପୁଅ ପ୍ରଦୀପ ଶିକାବେହେଙ୍ଗା ଗ୍ରାମର ଉତ୍ତମ ନାଗଙ୍କ ଝିଅକୁ ବିବାହ କରିଛନ୍ତି। କିଛି ଦିନ ପୂର୍ବରୁ ପ୍ରଦୀପଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଜମି କିଣାବିକାରେ ପ୍ରଦୀପ ଓ ତାଙ୍କ ଶ୍ୱଶୁର ଉତ୍ତମ ନାଗ ଏବଂ ଜମିକ୍ରେତା ମାଧବ ପୃଷ୍ଟି ଏବଂ ଲବଣୀ ପୃଷ୍ଟି ସମ୍ପୃକ୍ତ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ମଧ୍ୟରେ ଟଙ୍କା ନେଣଦେଣ ହୋଇଥିଲା। ତେବେ ପ୍ରଦୀପଙ୍କ ଶ୍ୱଶୁରକୁ ହର୍ଷ ଷାଣ୍ଢ ବୋଲି ଦର୍ଶାଇ ସବ୍‌ରେଜିଷ୍ଟ୍ରି ଅଫିସରେ ହାଜର କରାଯିବା ବିଷୟ ସବ୍‌ରେଜିଷ୍ଟ୍ରାର ଅଫିସର ଅଧିକାରୀ, କର୍ମଚାରୀ ଜାଣିଥିଲେ। ତହସିଲ ଅଫିସର ର୍ୟାକେଟ୍ ଏହାକୁ ପରିଚାଳନା କରୁଥିଲା ବୋଲି ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଏହି ଦିଗକୁ ତଦନ୍ତ କରୁଛି। ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଦେଢ଼ ଏକର ଜମି ହଡପ କରାଯାଇଥିବାରୁ ତହସିଲଦାର ବାଗଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେ ନିଜେ ତହସିଲଦାର ଅଫିସର ଜମି ଦଲାଲ ର୍ୟାକେଟ୍‌କୁ ପରିଚାଳନା କରୁଥିଲେ ବୋଲି ଚର୍ଚ୍ଚା ଜୋର ଧରିଛି। ମୃତ ହର୍ଷ ଷାଣ୍ଢଙ୍କ ପୁତ୍ର ଅବଦୁଲ ଷାଣ୍ଢ ସଦର ଥାନାରେ ତହସିଲଦାର ବାଗଙ୍କ ସମେତ ୯ ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ଜମି କିଣିବିକା ମାମଲାରେ ମାଧବ ପୃଷ୍ଟିଙ୍କ ଡ୍ରାଇଭର ନରେଶ ବେରିହା ଏବଂ ଦେବରାଜ ରାଉତ ସାକ୍ଷୀ ରହିଛନ୍ତି। ଏମାନେ ଉତ୍ତମ ନାଗଙ୍କୁ ହର୍ଷ ଷାଣ୍ଢ ବୋଲି କହିଥିଲେ। ଏହି ଦୁଇ ସାକ୍ଷୀଙ୍କୁ ପୋଲିସ ଜେରା କଲେ ସମସ୍ତ ତଥ୍ୟ ଜଣାପଡିଯିବ। ବାସ୍ତବରେ ଏହି ଜମି କିଣାବିକା ଷାଣ୍ଢ ପରିବାର ସଦସ୍ୟଙ୍କ ଅଗୋଚରରେ ହୋଇଛି କି ନାହିଁ ତାହା ସ୍ପଷ୍ଟ ହେବ। ତେବେ ତହସିଲଦାରଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଓ ପାସୱାର୍ଡ ବ୍ୟବହାର କରାଯାଇ ଦେଢ଼ ଏକର ଜମି ହଡପ କରାଯାଇଥିବା ସ୍ପଷ୍ଟ ହୋଇଥିବାରୁ ଏବେ ତହସିଲଦାର ବାଗ ଏବଂ ତାଙ୍କ ଅଫିସର କର୍ମଚାରୀଙ୍କ ସହ ତତ୍କାଳୀନ ସବରେଜିଷ୍ଟ୍ରାର ଏବଂ ସେଠାକାର କର୍ମଚାରୀଙ୍କୁ ବଡଧରଣର ତଦନ୍ତ କରାଯିବାକୁ ଲୋକେ ଦାବି କରିଛନ୍ତି।

# ଦୋକାନ ଉଚ୍ଛେଦ, ପଲିଥିନ ତଳେ ଜୀବିକା



ପଲିଥିନ ତଳେ ୨ଭାଇଙ୍କ ଜୀବିକା।

ବରଗଡ଼ ଅଫିସ୍,୩।୭

ବିକାଶ ଆଳରେ ଉଚ୍ଛେଦ କରାଯାଉଛି। ହେଲେ ଉଚ୍ଛେଦ ସମୟରେ ପ୍ରଶାସନ ଥଇଥାନ କଥା ଭୁଲିଯାଉଛି। ଫଳରେ ଗରିବ ଲୋକଙ୍କୁ ଦୁର୍ବିସହ ଜୀବନ ଅତିବାହିତ କରିବାକୁ ପଡୁଛି। ବରଗଡ଼ ସହର ଘରୋଇ ବସ୍‌ଷ୍ଟାଣ୍ଡରେ ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି। ଉଚ୍ଛେଦ ଯୋଗୁ ନିଜ ପୁରୁଣା ଦୋକାନ ହରାଇବା ପରେ ଦୁଇ ଭାଇ ପଲିଥିନ ତଳେ ଜୀବିକା ନିର୍ବାହ କରୁଥିବା ଦେଖିବାକୁ ମିଳିଛି ।

ଭ୍ରମର ବାରିକ(୬୦) ଏବଂ ଭାଗିରଥି ବାରିକ(୫୫) ଦୁଇ ଭାଇ। ପ୍ରାୟ ୪୦ ବର୍ଷ ତଳୁ ସେମାନେ ନିଜ ସପରିବାର ବରଗଡ଼ ସହରକୁ ଆସିଥିଲେ। ସେମାନେ ବାରିକ ଶ୍ରେଣୀର। ଉକ୍ତ ଦୁଇଭାଇଙ୍କ ବାପା ଦଣ୍ଡପାଣି ବରଗଡ଼ ସହରକୁ ଆସିବା ଦିନଠାରୁ ଘରୋଇ ବସ୍‌ଷ୍ଟାଣ୍ଡ ପାଖରେ ଏକ ଛୋଟ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ପରିଣତ ବୟସରେ ଦଣ୍ଡପାଣି ଆଉ କାମ କରି ପାରି ନ ଥିଲେ। ଅନ୍ୟପକ୍ଷେ ୨ପୁଅ ଭ୍ରମର, ଭାଗିରଥି ସେହି ଦୋକାନରେ କାମ କରୁଥିଲେ। ମାତ୍ର ନୂତନ ଘରୋଇ ବସଷ୍ଟାଣ୍ଡ ନିର୍ମାଣ ହେବା ପରେ ସେମାନଙ୍କ ଦୋକାନକୁ ଉଚ୍ଛେଦ କରାଯାଇଛି। ଏହାପରେ ପଲିଥିନ ତଳେ ସେମାନେ ଜୀବିକାକୁ ଆଦରି ନେଇଛନ୍ତି। ତେବେ ଉଚ୍ଛେଦ ପରଠାରୁ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡ଼ିଥିବା ସେମାନେ କହିଛନ୍ତି। ଦୋକାନ ଉଠିଯିବା ପରେ ନୂତନ ଘରୋଇ ବସଷ୍ଟାଣ୍ଡରେ ଦୋକାନଟିଏ ମିଳିବ ବୋଲି ସେମାନେ ଆଶା କରିଥିଲେ। ହେଲେ ଶେଷରେ ସେଥିରୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଫଳରେ ପଲିଥିନ ତଳେ ନିଜ ଜୀବିକାକୁ ଆଦରି ନେଇ ପରିବାର ପୋଷଣ କରୁଥିବା ସେମାନେ କହିଛନ୍ତି। ସେମାନଙ୍କୁ ଦୋକାନ ଗୃହଟିଏ ଯୋଗାଇ ଦେଲେ ଦୁଃଖ ଲାଘବ ହେବ ବୋଲି ଉଭୟ ଭାଇ ଆଶା ରଖିଛନ୍ତି।

# ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତନେଇ ରାସ୍ତାରୋକୋ

ଝାରସୁଗୁଡା ଅଫିସ୍,୩।୭



ଫାଣ୍ଡି ସମ୍ମୁଖ ରାସ୍ତାରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ।

- ଫାଣ୍ଡି ସମ୍ମୁଖରେ ରାଜମିସ୍ତ୍ରୀଙ୍କୁ ଛୁରାମାଡ
- ଲୋକେ ଅଭିଯୁକ୍ତଙ୍କୁ କାବୁକରି ପୋଲିସ୍‌ରେ ଦେଲେ
- ଗୃହ ନିର୍ମାଣକୁ ବିରୋଧକରି ଛୁରାମାଡ଼

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧିନ ବନ୍ଧବାହାଲ ଏକ ଶିଳ୍ପାଞ୍ଚଳ ହୋଇଥିବାବେଳେ ଏଠାରେ ବିଭିନ୍ନ ଅଞ୍ଚଳରୁ ଆସି ଲୋକେ ବସବାସ କରୁଛନ୍ତି। ଏଠାରେ ଅନେକ ସମୟରେ ସାମାନ୍ୟ କଥାକୁ ନେଇ ବଚସା, ମାରପିଟ୍, ହତ୍ୟାକାଣ୍ଡ, ଲୁଟ୍‌ତରାଜ, ରାହାଜାନୀ, ଚୋରି, ନକଲି ମଦ ବ୍ୟବସାୟ ଆଦି ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଉଛି। ଏସବୁକୁ ରୋକିବାରେ ପୋଲିସ ବିଫଳ ହେଉଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ରବିବାର ପୂର୍ବାହ୍ନ ୧୧ଟାରେ ବନ୍ଧବାହାଲ ଫାଣ୍ଡି ସମ୍ମୁଖରେ ଜଣେ ଯୁବକ ଅନ୍ୟଜଣେ ରାଜମିସ୍ତ୍ରୀଙ୍କ ପେଟକୁ ଛୁରାମାଡ କରି ଫେରାର୍ ହୋଇଯାଇଥିଲେ। ଏନେଇ ସ୍ଥାନୀୟ ଅସନ୍ତୋଷ ଲୋକେ ପୋଲିସର ଅପାରଗତାକୁ ଦାୟୀକରି ଫାଣ୍ଡି ସମ୍ମୁଖ ରାସ୍ତାରେ ଧାରଣାରେ ବସି ରାସ୍ତାରୋକୋ କରିଥିଲେ। ଖବରପାଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ ପ୍ରମୁଖ ପୋଲିସ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଆନ୍ଦୋଳନକାରୀଙ୍କ ଦାବିଥିଲା କେତେକ ଲୋକେ ସରକାରୀ ଜମି ଜବର ଦଖଲକରି ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଚଳାଇଛନ୍ତି। ତୁରନ୍ତ ଜିଲା ପ୍ରଶାସନ ତରଫରୁ ଏହାକୁ ଉଚ୍ଛେଦ କରାଯାଉ। ପୋଲିସ ପାଟ୍ରୋଲିଂକୁ କଡାକଡି କରାଯାଉ। ବେଆଇନ ମଦ କାରବାର ବନ୍ଦ କରାଯାଉ ଆଦି ଦାବି ରହିଥିଲା। ଏସବୁ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ଭୋଇ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଛୁରାମାଡରେ ଆହତ ହୋଇଥିବା ପିପିଲିକାନୀ ଗ୍ରାମର ରାଜମିସ୍ତ୍ରୀ ବେଣୁଧର ରୋହିଦାସ(୪୨)ଙ୍କ ପେଟରେ ଆଘାତ ଲାଗିଥିବାବେଳେ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ସ୍ଥାନୀୟ ଏମ୍‌ସିଏଲ୍ ହସ୍ପିଟାଲ୍ ପରେ ବୁର୍ଲାମେଡିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଫେରାର୍ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁକରି ପୋଲିସ୍‌କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବନ୍ଧବାହାଲ ପଞ୍ଚାୟତପଡାର ଗୁଡୁ ସା(୨୧)। ତାଙ୍କ ନିକଟରୁ ପୋଲିସ ଛୁରି ଜବତ କରିଛି। ଏନେଇ ମନୋଜ ପ୍ରସାଦଙ୍କ ଅଭିଯୋଗକୁ ନେଇ ପୋଲିସ ବନହରପାଲି ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଫାଣ୍ଡି ସମ୍ମୁଖ ରାସ୍ତାପାର୍ଶ୍ୱରେ ମନୋଜ ପ୍ରସାଦ ନାମକ ବ୍ୟକ୍ତି ଏକ ଘର ନିର୍ମାଣ କରୁଛନ୍ତି। ଏହି ଜମିକୁ ନେଇ ଗୁଡୁ ସାଙ୍କ ପରିବାର ଓ ମନୋଜଙ୍କ ମଧ୍ୟରେ ଦୀର୍ଘଦିନ ହେଲାଣି ବିବାଦ ଲାଗିରହିଛି। ଏନେଇ ଏହି ଜମିରେ ୧୪୪ଧାରା ମଧ୍ୟ ଲାଗୁହୋଇଥିଲା। ଏଭଳି ସ୍ଥିତିରେ ମନୋଜ ଘର ନିର୍ମାଣ କରୁଥିବାବେଳେ ରବିବାର ରାଜମିସ୍ତ୍ରୀ ବେଣୁଧରଙ୍କୁ ଗୁଡୁ ଏକ ଛୁରିରେ ଆକ୍ରମଣ କରିଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ଲହୁଣୀପଡା,୩୧୭(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ହାତୀ ବାହାଲ ଗ୍ରାମର ସ୍ୱର୍ଗତ ହରି କିଷାନ ସ୍ତ୍ରୀ ଦୌପଦି କିଷାନ(୫୧) ଶନିବାର ରାତିରେ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତ୍ରିରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକ ଜାଣିବା ପରେ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଶବ କୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଦୁଇ ବର୍ଷ ପରେ ରଥ ଟାଣିଲେ ଶ୍ରଦ୍ଧାଳୁ

**ଲହୁଣୀପଡା,୩୧୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚଳିତବର୍ଷ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କରୋନା ଯୋଗୁ ଦୁଇବର୍ଷ ରଥଯାତ୍ରା ବନ୍ଦ ହୋଇଯାଇଥିବାବେଳେ ଚଳିତବର୍ଷ ବଡ଼ଧୁମଧାମରେ ବିଭିନ୍ନ ସ୍ଥାନରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଖୁସି ମନରେ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ରାଜାମୁଣ୍ଡାରେ ରଥ ଶରଧାପୁରୁରୁ ବାହାରି ଗୁଡ଼ିଆଲିସ୍ଥିତ ମାଉସୀ ମା ମନ୍ଦିରରେ ପହଞ୍ଚି ଥିଲା। ଏହି ରଥଯାତ୍ରାରେ ଯୁଧିଷ୍ଠିର ତ୍ରିପାଠୀ ଛେରାପହଁରା କରିଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଳିପୋଷ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବଣେଇ ଡିଏଫଓ ସନତ କୁମାର ଏନ ଛେରାପହଁରା କରିଥିଲେ। ଲହୁଣୀପଡାସ୍ଥିତ ହରିଶଙ୍କରେଶ୍ୱର ମହାଦେବ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଦ୍ୱାରା ଆୟୋଜିତ ରଥଯାତ୍ରା ଚଳିତବର୍ଷ ଧୁମଧାମରେ ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିରରୁ ଠାକୁର ବାହାରି ବ୍ଲକ ଛକ ଠାରେ ଥିବା ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରଥରେ ଯାଇଥିଲେ। ଲହୁଣୀପଡା ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ହୋଇଥିବା ବେଳେ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ ପାରମ୍ପରିକ ରୀତିନୀତି ଅନୁସାରେ ଛେରାପହଁରା କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟିର ମାଣିକ ଲାଲ ଜୟସ୍ୱାଲ, ସଦାନନ୍ଦ ଜୟସ୍ୱାଲ, ଇସ୍ପାତ ଜୟସ୍ୱାଲ, ଶଶୀଭୂଷଣ ମାହାନ୍ତ, ଭୁବନେଶ୍ୱର ବେହେରାଙ୍କ ସମେତ ଟ୍ରଷ୍ଟି ସଦସ୍ୟ ଗ୍ରାମବାସୀଙ୍କ ସହଯୋଗରେ ରଥଯାତ୍ରା ହୋଇଥିଲା। ସେହିଭଳି କଲେଇପୋଷ, କୁରଡ଼ା, ଖୁଣ୍ଟୁଗାଁ, ହଳଦୀକୁନ୍ଦର, ଫୁଲଝର, ଦରଜିଙ୍ଗ, କପଣ୍ଡ, ଗମଲେଇ, ଡୁମକଲା, ଧୁଡି, ବରସୁଆଁ, ଠିଆବେର୍ଣ୍ଣା ପ୍ରଭୃତି ସ୍ଥାନରେ ରଥଯାତ୍ରା ହୋଇଥିଲା।

# ଜବରଦଖଲକାରୀଙ୍କ କବଜାରେ ଶ୍ମଶାନ ଜମି

## ତହସିଲ, ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଲହୁଣୀପଡ଼ା, ୩୧୭(ଡି.ଏନ.ଏ.)**


ଗ୍ରାମବାସୀ ତହସିଲଦାରଙ୍କୁ ଭେଟିବାକୁ ଆସିଛନ୍ତି।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ମାହାନ୍ତ ଟାଙ୍ଗରପାଲି ଗ୍ରାମର ଶ୍ମଶାନ ଜମିକୁ ସେହି ଗ୍ରାମର କିଛି ଲୋକ ଜବରଦଖଲ କରି ନେଇଯାଇଥିବା ଜଣା ପଡିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁସାରେ ମାହାନ୍ତ ଟାଙ୍ଗରପାଲି ଗ୍ରାମର ଅନେକ ସରକାରୀ ଜମିକୁ ବେନିୟମ ଭାବେ ଜବରଦଖଲ କରି ନେଇଥିବା ଯୋଗୁ ଗ୍ରାମରେ ବୈଠକି ଘର କିମ୍ବା କ୍ଲବ ଘର ମଧ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ଏଥିପାଇଁ ଶଙ୍ଖପୋଷ ପଞ୍ଚାୟତ ସରପଞ୍ଚ ବାଲେମା ମୁଣ୍ଡା ୨୪।୧୨।୨୦୨୧ ମସିହାରେ ୯ଟି ପ୍ଲଟର ସରକାରୀ ଜମିକୁ ଚିହ୍ନଟ କରିବା ପାଇଁ ତହସିଲଦାରଙ୍କୁ ଚିଠି କରିଥିଲେ ମଧ ସେତେବେଳେ କୌଣସି କାରଣ ଯୋଗୁ ଚିହ୍ନଟ କରାଯାଇ ପାରି ନ ଥିଲା। ଅନ୍ୟପକ୍ଷେ ଗ୍ରାମର ଶ୍ମଶାନ ଜମିକୁ ମଧ ସେହି ଗ୍ରାମର ଜନୈକ ବ୍ୟକ୍ତି ଜବରଦଖଲକରି ନେଇଥିବା ଜଣାପଡ଼ିଛି। ଏହା ଜାଣିବା ପରେ ଗ୍ରାମବାସୀ ମିଳିତ ଭାବେ ଉକ୍ତ ଶ୍ମଶାନ ଜମିକୁ ଚିହ୍ନଟ କରିବା ପାଇଁ ଲହୁଣୀପଡା ତହସିଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ତହସିଲ କାର୍ଯ୍ୟାଳୟ ତରଫରୁ ଗତ ମାର୍ଚ୍ଚରେ ଶ୍ମଶାନ ଜମି ଚିହ୍ନଟ କରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ କୌଣସି କାରଣ ଯୋଗୁଁ ହୋଇ ପାରି ନ ଥିଲା। ଫଳରେ ଗ୍ରାମବାସୀ ପୁନର୍ବାର ତହସିଲ ଅଫିସରେ ଶ୍ମଶାନ ଜମି ଚିହ୍ନଟ ପାଇଁ ଲିଖିତ ନିବେଦନ କରିଥିଲେ। ଗତ ମଙ୍ଗଳବାର ତହସିଲ ଅଫିସରୁ କର୍ମଚାରୀ ଯାଇ ଶ୍ମଶାନ ଜମିକୁ ଚିହ୍ନଟ କରୁଥିବାବେଳେ ଶ୍ମଶାନ ଜମି ଜବରଦଖଲକାରୀ ଠେଙ୍ଗା ବାଡ଼ି ଧରି ବିରୋଧ କରିଥିଲେ। ଏହା ସହିତ ବିଭିନ୍ନ ପ୍ରକାର ଧମକଚମକ ଦେଇ ଜମି ମାଲିକାନାର ଷ୍ଟାମ୍ପ ପେପର ଦେଖାଇଥିଲେ। ଯେଉଁଥିରେ ସରକାରୀ ସିଲ୍ କିମ୍ବା ଦସ୍ତଖତ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇ ଥିବା ଜଣାପଡିଛି। ଏଭଳି ପରିସ୍ଥିତିକୁ ଦେଖି ତହସିଲ କର୍ମଚାରୀ ଶ୍ମଶାନ ଜମି ଚିହ୍ନଟ ପ୍ରକ୍ରିୟା ବାଧହୋଇ ଅଧାରେ ବନ୍ଦ କରି ଦେବା ସହିତ ସମ୍ପୃକ୍ତ କାଗଜପତ୍ରକୁ ନେଇ ପଳାଇ ଆସିଥିଲେ। ଫଳରେ ଗ୍ରାମର ଅନେକ ପୁରୁଷ ମହିଳା ଲହୁଣୀପଡା ତହସିଲଦାରଙ୍କୁ ସାକ୍ଷାତକରି ଆଲୋଚନା କରିବା ସହିତ ଲହୁଣୀପଡା ଥାନାରେ ଶ୍ମଶାନ ଜମି ଦଖଲକାରୀଙ୍କ ବିରୋଧରେ ଏକ ଅଭିଯୋଗ କରିଥିବା ଜଣାପଡ଼ିଛି। ସତ୍ୟାସତ୍ୟ ଜାଣିବା ପାଇଁ ଲହୁଣୀପଡା ଥାନା ଓ ତହସିଲ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ସମ୍ମିଳନୀ



ମହିଳା ସମିତି ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**ଟେନ୍ସା, ୩୧୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅଖିଳ ଭାରତ ଗଣତାନ୍ତ୍ରିକ ୪ର୍ଥ ମହିଳା ସମିତି ସମ୍ମିଳନୀ ରବିବାର ରକ୍ସି ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ୧୫ଟି ଗ୍ରାମପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏହି ମହିଳା ସମିତି ସମ୍ମିଳନୀରେ ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜିଲା କମିଟି ସଭ୍ୟ ପ୍ରଭାତ କୁମାର ପଣ୍ଡା, ଆନନ୍ଦ ମାଇତି ହରୋ, ମହିଳା ସମିତି ଜିଲା ସଭାପତି ସାଥି ଶୁଶୀଳା ମୁଣ୍ଡା, ସମ୍ପାଦକ ସାଲେମୀ ମିଞ୍ଜି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ସମିତିର ବିଭିନ୍ନ ବିଭାଗ ଉପରେ ବକ୍ତବ୍ୟ ରଖିଥିଲେ। ଆଗାମୀ ୩ବର୍ଷ ପାଇଁ ୩୭ ଜଣିଆ କମିଟି ସର୍ବସମ୍ମତି ଭାବେ ନିର୍ବାଚିତ ହୋଇଥିଲେ। ନୂତନ କମିଟିର ସଭାପତି ଭାବେ ଶୁଶୀଳା ମୁଣ୍ଡା, ସମ୍ପାଦକ ବାହାଲେନ ମୁଣ୍ଡା, କୋଷାଧ୍ୟକ୍ଷ ଶାନ୍ତି ହରେ, ଉପସଭାପତି ଭାବେ ମନ୍ଦୋଦରୀ ସିଂ, ବିପନ୍ତା ସିନ୍ଦୁରୀ, ପାର୍ବତୀ ସାହୁ, ସାରନୀ ସୁରିନୀ, ସହ ସମ୍ପାଦକ ଭାବେ ରଶ୍ମିବାଳା ନାଏକ, କୁସିମିତା ପାତ୍ର, ରହିଲ ବୋଦ୍ରା ପ୍ରମୁଖ ମନୋନୀତ ହୋଇଥିଲେ। ୨୬ଜଣ ଏକଜ୍ୟୁକିଟିଭି ଭାବେ ନିର୍ବାଚିତ ହୋଇଥିଲେ।

# ମ୍ୟୁଜିକା ସଙ୍ଗମ ଏଣ୍ଡ୍ ସଙ୍ଗମ ରୌପ୍ୟ ଜୟନ୍ତୀ, ଭଏସ୍ ଜିନିୟସ୍ ସିଜନ-୯ ପ୍ରସ୍ତୁତି



କର୍ମକର୍ତ୍ତାଙ୍କ ସହ ସଦସ୍ୟମାନେ।

**ଦେବଗଡ଼,୩୧୭(ଡି.ଏନ.ଏ.)**

ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ ଏଣ୍ଡ୍ ସଙ୍ଗମ ତରଫରୁ ବିଗତ ବର୍ଷପରି ଚଳିତବର୍ଷ ମଧ ଆଗାମୀ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଭଏସ୍ ଜିନିୟସ- ସିଜିନ-୯ ପ୍ରତିଯୋଗିତା ହେବ। ଏଥିପାଇଁ ଓ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଇଁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଛୋଟ ଛୋଟ କଳାକାରଙ୍କ ପ୍ରତିଭା ବାଛିବା କ୍ଲବର ଏକ ପ୍ରୟାସ। କ୍ଲବର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଚଳିତବର୍ଷ ତିନି ଦିନଧରି ଅଗଷ୍ଟ ମାସ ୧୩ରୁ ୧୫ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିବାକୁ କ୍ଲବର ସଦସ୍ୟଙ୍କ ସହମତି କ୍ରମେ ନିଷ୍ପତ୍ତି ନିଆଯାଇଛି। କ୍ଲବର ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅଡିସନ ଟେଷ୍ଟ ମାଧ୍ୟମରେ ବିଭିନ୍ନ ସ୍କୁଲରୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ପାଇଁ ଚୟନ କରାଯିବାକୁ ସ୍ୱିକୃତ ହୋଇଥିଲା। ସେହିପରି ଚଳିତବର୍ଷ କିଛି ନୂତନ କାର୍ଯ୍ୟକ୍ରମକୁ ସାମିଲ କରିବା ସହ କେତେକ ନୂତନ ସଦସ୍ୟମାନଙ୍କୁ ମଧ କ୍ଲବରେ ସାମିଲ କରିବା ପାଇଁ ନିଜର ମତାମତ ଦେବା ପରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଉମାଶଙ୍କର ସାହୁ, ରୌପ୍ୟ ଜୟନ୍ତୀ ପାଇଁ କାର୍ଯ୍ୟକାରୀ ସଭାପତି ଭାବେ ବରିଷ୍ଠ ସଦସ୍ୟ ବିକାଶ କୁମାର ପ୍ରଧାନ, ଉପସଭାପତି ଉମେଶ କୁମାର ନାୟକ, କାର୍ଯ୍ୟକାରୀ ଉପ ସଭାପତି ଅନୁଜ କୁମାର ପ୍ରଧାନ, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ସହ ସମ୍ପାଦକ ପ୍ରତାପ କୁମାର ପାତ୍ର, କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଖଡିରତ୍ନ, ମିଡିଆ ସେଲ ସଂଯୋଜକ ଜନ୍ମେଜୟ ନାୟକ, ନୃତ୍ୟ ସଂଯୋଜକ ପ୍ରିତମ କୁମାର ବେହେରା (ଲିପୁ)ଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ ବୈଠକରେ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ କ୍ଲବର ସମ୍ପାଦକ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।

# କାଲୋସିହିରିଆ ଲଣ୍ଡା ପାହାଡ଼ର ପୁନରୁଦ୍ଧାର

**କୁଆଁରମୁଣ୍ଡା,୩୧୭(ଡି.ଏନ.ଏ.)**


କାଲୋସିହିରିଆ ନିକଟସ୍ଥ ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ କରାଯାଉଛି।

ପ୍ରତିବର୍ଷ ପରି ଚଳିତବର୍ଷ ଜୁଲାଇ ୧ରୁ ବନମହୋତ୍ସବ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ବନାଞ୍ଚଳରେ ରବିବାର ବୃକ୍ଷରୋପଣ କାର୍ଯ୍ୟ କୁଆଁରମୁଣ୍ଡା-କାଲୋସିହିରିଆ ରୋଡ ନିକଟସ୍ଥ ଏକ ଲଣ୍ଡା ପାହାଡରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍‌ସିସିଏଫ ଡା. ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣରେ ସ୍ଥାନୀୟ ଜନପ୍ରତିନିଧି ମହିଳା ଗୋଷ୍ଠୀ ସାମିଲ ହୋଇ କାର୍ଯ୍ୟ କଲେ ବନମହୋତ୍ସବ ଅଧିକ ସଫଳ ହୋଇପାରିବ ବୋଲି କହିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର ପ୍ରମୁଖ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟ ପରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଉପସ୍ଥିତ ଏସ୍‌ଏଚ୍‌ଜିର ମହିଳାମାନଙ୍କ ସହ ଉପସ୍ଥିତ ବନ କର୍ମଚାରୀମାନେ ବୃକ୍ଷରୋପଣ କରିଥିଲେ। ପ୍ରାୟ ୩ଶହ ଚାରା ବିଶେଷ କରି ଗମ୍ଭାରୀ, ଜାମୁ, ପିଙ୍ଗୁଳି, ଶିଶୁ, କରଞ୍ଜ, ନିମ୍ବ ଇତ୍ୟାଦି ରୋପଣ କରାଯାଇଛି। ଚଳିତବର୍ଷ କୁଆଁରମୁଣ୍ଡା ବନ ରେଞ୍ଜରେ ଅଢେଇ ଲକ୍ଷ ଚାରା ରୋପଣ କରାଯିବ ବୋଲି କୁଆଁରମୁଣ୍ଡା ରେଞ୍ଜର ସ୍ୱାଧୀନତା ସାହାଣୀ ଏହି ଅବସରରେ ସୂଚନା ଦେଇଛନ୍ତି। ଏହି ବନମହୋତ୍ସବ କାର୍ଯ୍ୟ ରେଞ୍ଜର ସାହାଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ବନପାଳ, ବନରକ୍ଷୀ ଓ ଅନ୍ୟ ବନକର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ବାଲ୍ୟବିବାହ କରିଥିବା ଦୁଇ ନାବାଳିକାଙ୍କୁ ଉଦ୍ଧାର

**ବଡ଼ଗାଁ, ୩୧୭(ଡି.ଏନ୍.ଏ.)**

ବାଲ୍ୟବିବାହ ମୂଳ ଉତ୍ପାଟନ କରି ଏକ ସୁସ୍ଥ, ସୁନ୍ଦର ଓ ଶିଶୁ ଅନୁକୂଳ ସମାଜ ଗଠନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଅଭିଯାନର କର୍ମକର୍ତ୍ତାମାନଙ୍କ କଠିନ ପରିଶ୍ରମ ଫଳବତୀ ହେଉଛି। ବିଗତ ଦିନରେ ସୁନ୍ଦରଗଡ଼ ଜିଲା ବଡ଼ଗାଁର ଆଇସିଡିଏସ୍, ପୋଲିସ ଓ ଜନପ୍ରତିନିଧିମାନଙ୍କ ଆନ୍ତରିକ ପ୍ରୟାସ ଯୋଗୁ ୮ଟି ବାଲ୍ୟ ବିବାହ ବନ୍ଦ କରି ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ବଡ଼ଗାଁ ଥାନାର ପ୍ରୋବେସନର ଡିଏସପି ବିଭୂତି ଭୂଷଣ ମହାପାତ୍ର, ଥାନାର ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ସବଇନ୍ସପେକ୍ଟର ମିଲି ସାହୁ, କନଷ୍ଟେବଲ ଭଗବତୀ ରଣା, ସିଡିପିଓ ସୂତପା ଚୌଧୁରୀ, ସୁପରଭାଇଜର କୁନ୍ତିଶୁତା ପାଣିଗ୍ରାହୀ, ତୁଡାଲଗା ସରପଞ୍ଚ ସୁଦୀପ ବାଡା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରଚେଷ୍ଟାରେ ବାଲ୍ୟ ବିବାହ କରିଥିବା ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର କରାଯାଇଥିବା ନାବାଳିକା ଦ୍ୱୟଙ୍କ ସହ ତାଙ୍କ ପରିବାର ଲୋକଙ୍କୁ ସିଡିପିଓଙ୍କ ଅଫିସରେ କାଉନସେଲିଂ କରାଯାଇଥିଲା। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ଡୋକ୍ରା ଗ୍ରାମର ଜଣେ ୧୫ ବର୍ଷୀୟ ନାବାଳିକା ତୁଡାଲଗା ପଞ୍ଚାୟତର ମୁକୁନ୍ଦପୁର ଗାଁକୁ ଆସି ବିବାହ କରିଥିଲେ। ସେହିପରି ଜାଙ୍ଗଲି ଗାଁର ଜଣେ ୧୬ ବର୍ଷୀୟ ନାବାଳିକା କଣ୍ଟିଆମୁରା ଗାଁକୁ ଆସି ବିବାହ କରିଥିଲେ। ଏହି ଦୁଇଟି ବାଲ୍ୟ ବିବାହ ଘଟଣା ସମ୍ବନ୍ଧରେ ସୂଚନା ପାଇ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ବାଲ୍ୟ ବିବାହ କରିଥିବା ନାବାଳିକା ଦ୍ୱୟଙ୍କୁ ଦିଶା ଆଶ୍ରୟ କେନ୍ଦ୍ରକୁ ପଠାଇ ତାଙ୍କ ଥଇଥାନ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ବାଲ୍ୟବିବାହ ଭଳି କୁପ୍ରଥା ଭବିଷ୍ୟତ ସମାଜ ପ୍ରତି ବିପଦ। ଏହାକୁ କିପରି ରୋକାଯାଇପାରିବ ସେଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି ଓ ଜନ ସାଧାରଣଙ୍କୁ ସଚେତନ କରାଉଛନ୍ତି।

# 'ଅସମ୍ପୂର୍ଣ୍ଣ ବ୍ରାହ୍ମଣୀ ସେତୁକୁ ନେଇ ଉତ୍ସବ ପାଳନ ହାସ୍ୟାସ୍ପଦ'

**ରାଉରକେଲା ଅଫିସ,୩୧୭**

ରାଉରକେଲା ପାନପୋଷ ବାଲୁଘାଟଠାରେ ନିର୍ମାଣାଧୀନ ବହୁ ପ୍ରତୀକ୍ଷିତ ବ୍ରାହ୍ମଣୀ ସେତୁ ଅଧାପନ୍ତରିଆ ରହିଛି। ତେବେ ଜନସାଧାରଣଙ୍କ ବ୍ୟବହାର ପାଇଁ ୬ ଲେନ ବିଶିଷ୍ଟ ଏହି ସେତୁର ୩ ଲେନ୍‌କୁ ଖୋଲି ଦିଆଯାଇଛି। ସେତୁ କାମ ଶେଷ ହୋଇ ନ ଥିବାବେଳେ ଏହାକୁ ନେଇ ସ୍ଥାନୀୟ ଭାଜପାର ଉତ୍ସବ ପାଳନ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ରବିବାର କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ସେତୁ ଓ ଏହାର ସଂଲଗ୍ନ ରାସ୍ତା ବୁଲି ଦେଖିଥିଲେ। ଦାଣ୍ଡିଆପାଲି ପାର୍ଶ୍ୱ ସଂଲଗ୍ନ ରାସ୍ତା ସେତୁ ମୁଣ୍ଡରେ ଦବିଯାଇଥିବା ବେଳେ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳିଥିଲା। ସେତୁ ଉପରି ଭାଗର ବିଭିନ୍ନ ସ୍ଥାନରେ ଉଚ୍ଚନୀଚ ଥିବାବେଳେ ଗଡାଣିଆ ହୋଇଥିବା ପାର୍ଶ୍ୱର ବିଭିନ୍ନ ସ୍ଥାନରେ ପାଣି ଜମୁଛି। ଏଥିସହ ଉତ୍ତର ପାର୍ଶ୍ୱରେ ନିର୍ମିତ ଫୁଟପାଥରେ ମଧ ସାମାନ୍ୟ ବର୍ଷାରେ ପାଣି ଜମିଥିବା ପରିଲକ୍ଷିତ ହୋଇଥିଲା। ଏସବୁ ବିଷୟ ପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କୌଣସି ପ୍ରକାରେ ନିମ୍ନମାନର କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀ, ସବୀର ହୁସେନ, ଓବିସି ସେଲ୍ ଅଧ୍ୟକ୍ଷ ବୈଲୋଚନ ସାହୁ, ଭାସ୍କର ଖିଲାର, ବ୍ଲକ କଂଗ୍ରେସ ସଭାପତି ବିଜୟ ଆପଟ, ସେବାଦଳର ବୁଲୁ ଦାସ ସାମିଲ ହୋଇଥିଲେ।

# ଲେଫ୍ରିପଡ଼ା ବନାଞ୍ଚଳରେ ବନମହୋତ୍ସବ

**ଲେଫ୍ରିପଡ଼ା, ୩୧୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ମହାବିଦ୍ୟାଳୟ ନିକଟରେ ୭୩ତମ ବନମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ନେତୃତ୍ୱରେ ସହରାଞ୍ଚଳ ବୃକ୍ଷରୋପଣ ଯୋଜନାରେ ସାତଏକରରୁ ଊର୍ଦ୍ଧ୍ୱ ଜମିରେ ପ୍ରାୟ ପାଞ୍ଚ ହଜାର ଚାରା ରୋପଣ କରାଯାଇଛି। ଏଥିମଧ୍ୟରେ ବଉଳ, ସିରିସ, ଫଣଫଣା, ଦେବଦାରୁ, ଆମ୍ବ ଲିମ୍ବ, କାଠବାଦାମ, ପଣସ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ସାରସ, ପିପଲ ଇତ୍ୟାଦି ପ୍ରାୟ ୩୦ପ୍ରଜାତିର ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ହବିରାମ ଚୌଧୁରୀ, ଲେଫ୍ରିପଡ଼ା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ବିନୋଦ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ଗୁଡ଼ି ନାଏକ, ବନରକ୍ଷକ ଆରତୀ ସା, ବନରକ୍ଷୀ କାହ୍ନା ନାଏକ ପ୍ରମୁଖ ବନବିଭାଗ କର୍ମଚାରୀ ଉପସ୍ଥିତ ରହିଥିଲେ।



ଲେଫ୍ରିପଡ଼ା ମହାବିଦ୍ୟାଳୟର ଅଧକ୍ଷ ଚାରା ରୋପଣ କରୁଛନ୍ତି।

# ବିଦ୍ୟୁତ୍ ସବ୍‌ଷ୍ଟେଶନରେ ବନ୍ଧୁକ ଦେଖାଇ ଲୁଟ୍

**ଝାରସୁଗୁଡ଼ା ଅଫିସ୍,୩୧୭**

ଝାରସୁଗୁଡ଼ା ଜିଲା ବେଲପାହାଡ ବିଦ୍ୟୁତ୍ ସେକ୍‌ସନ ଅଧିନ ବନ୍ଧବାହାଲସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍‌ର ୩୩/୧୧କେଭି ଗ୍ରୀଡ୍ ସବ୍‌ଷ୍ଟେଶନରେ ଶନିବାର ବିଳମ୍ବିତ ରାତିରେ ସଶସ୍ତ୍ର ଲୁଟ୍ ହୋଇଛି। ୧୦ରୁ ୧୫ଜଣ ଦୁର୍ବୃତ୍ତ ଲୁଟ୍‌ରେ ସାମିଲ ହୋଇଥିଲେ। ଏହି ଲୁଟ୍ ସମୟରେ ସେମାନଙ୍କ ହାତରେ ବନ୍ଧୁକ, ଭୁଜାଲି, ଛୁରି ଓ ଚେନ୍ ଆଦି ମାରଣାସ୍ତ୍ର ରହିଥିଲା। ସମସ୍ତେ ଓଡିଆ ଭାଷା ଓ ସମ୍ବଲପୁରୀ ଭାଷାରେ କଥା ହେଉଥିବାବେଳେ ମୁହଁରେ ଗାମୁଛା ବାନ୍ଧିଥିଲେ। ଦୁର୍ବୃତ୍ତମାନେ ରାତି ସାଢେ ୧୨ଟାରେ ସବ୍‌ଷ୍ଟେଶନ ପାଚେରି ଉପରେ ଥିବା ତାରବାଡ କାଟି ଭିତରକୁ ପ୍ରବେଶ କରିଥିଲେ। ରାତି ଡ୍ୟୁଟିରେ ଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ସେମାନଙ୍କୁ ଭୟଭୀତ କରି ସେମାନଙ୍କ ନିକଟରୁ ପ୍ରଥମେ ମୋବାଇଲ୍ ଲୁଟି ନେଇଥିଲେ। ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ମାଡ଼ମାରି ଏକ କୋଠରିରେ ବନ୍ଦକରି ରଖିଥିଲେ। ତାପରେ ଦୁର୍ବୃତ୍ତମାନେ ସାଢେ ୧୨ଟାରୁ ୩ଟା ପର୍ଯ୍ୟନ୍ତ ସବ୍‌ଷ୍ଟେଶନରେ ଲୁଟ୍‌ପାଟ ଚଳାଇଥିଲେ।


ବନ୍ଧବାହାଲ ସବ୍‌ଷ୍ଟେଶନରେ ପୋଲିସ୍ ପହଞ୍ଚି ତଦନ୍ତ କରୁଛି।

ଏହି ସମୟରେ ପ୍ରବଳ ଘଡଘଡି ସହ ବର୍ଷା ହେବାରୁ ରେମଜା ଗ୍ରୀଡ୍‌ରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯିବା ଫଳରେ ସବ୍‌ଷ୍ଟେଶନ ଅନ୍ଧାର ହୋଇଯାଇଥିଲା। ରାତିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଇନ୍ ନ ଆସିବାରୁ ଅନ୍ୟ ବିଦ୍ୟୁତ୍ କର୍ମଚାରୀମାନେ ସବ୍‌ଷ୍ଟେଶନରେ ରାତି ଡ୍ୟୁଟିରେ ଥିବା କର୍ମଚାରୀମାନଙ୍କୁ ଫୋନ୍ କରିଥିଲେ। ହେଲେ କାହାରି ଫୋନ୍ ନ ଲାଗିବାରୁ କୌଣସି ଅଘଟଣ ହୋଇଥିବା ସନ୍ଦେହକରି କର୍ମଚାରୀମାନେ ରାତି ୪ଟାରେ ସବ୍‌ଷ୍ଟେଶନ ପାଚେରି ବାହାରେ ଛିଡାହୋଇ ସେମାନଙ୍କୁ ଡାକିଥିଲେ। ସେମାନଙ୍କ ଡାକଶୁଣି ବନ୍ଦ କୋଠରିରେ ଥିବା କର୍ମଚାରୀମାନେ ବାହାରୁ କବାଟ ଖୋଲିବା ପାଇଁ କହିଥିଲେ। ତା'ପରେ ପାଚେରି ଡେଇଁ କବାଟ ଖୋଲିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କର୍ମଚାରୀଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ପ୍ରହରାଜ, ପ୍ରୀୟରଞ୍ଜନ ମଲ୍ଲିକ, ଚୈତନ କୁମାର ସାହୁ ଓ ଶୁଭମ ସାଗର ପ୍ରଧାନ ରହିଥିଲେ। ଏମାନଙ୍କ ମଧ୍ୟରୁ କର୍ମଚାରୀ ଜ୍ୟୋତିରଞ୍ଜନଙ୍କ ମୁଣ୍ଡଫାଟି ପ୍ରବଳ ରକ୍ତସ୍ରାବ ହେଉଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବନ୍ଧବାହାଲ ଏମ୍‌ସିଏଲ୍ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଏସମ୍ପର୍କରେ କର୍ମଚାରୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ବେଲପାହାଡ ସେକସନ ଏସ୍‌ଡିଓ ଜ୍ୟୋତିକାନ୍ତ ପାତ୍ର ସବ୍‌ଷ୍ଟେଶନରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏସମ୍ପର୍କରେ ଖବରପାଇ ରବିବାର ସକାଳୁ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ଅନ୍ନା ମିଞ୍ଜ, ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ ପ୍ରମୁଖ ପୋଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାକୁ ଗୋଟିଏ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ୍‌କୁ କୌଣସି ସୁରାକ ମିଳିପାରିନାହିଁ । ଏସମ୍ପର୍କରେ ସବ୍‌ଷ୍ଟେଶନ କନିଷ୍ଠଯନ୍ତ୍ରୀ ଅସିମ ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନହରପାଲି ଥାନାରେ ଏକ ମାମଲା (ନଂ.୧୪୨/୨୨) ରୁଜୁ କରିଛି। ଲୁଟ୍ ସାମଗ୍ରୀ ମଧ୍ୟରେ ରହିଛି ଓଡି ୨୫ଏଚ୍ ୦୩୪୧ ବାଇକ୍, ୧୧ମୋବାଇଲ୍, ନଗଦ ୮ହଜାର ଟଙ୍କା, କଟର ମେଶିନ, ଓଲ୍ଡିଂ ମେଶିନ, ଦେଢ କୁଇଣ୍ଟାଲ ଟ୍ରାନ୍ସଫର୍ମର କୟଲ ଆଦି ବିଦ୍ୟୁତ ଯନ୍ତ୍ରାଂଶ ରହିଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି।

## ଜଗନ୍ନାଥ ଗୋଷ୍ଠୀ ଗୃହ ଉଦ୍‌ଘାଟିତ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମ ପଞ୍ଚାୟତର କୁଶୁମାଲ ଗ୍ରାମଠାରେ ନବ ନିର୍ମିତ ଜଗନ୍ନାଥ ଗୋଷ୍ଠୀ ଗୃହ ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୨ ଲକ୍ଷରେ ନିର୍ମାଣ ଗୋଷ୍ଠୀ ଗୃହ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ତନୟା ଶବର, ମଞ୍ଜୁଳା ଶବର, ଅମିତ ସିଂ ଦେଓ, ଭୋଲା ନାଗ, ରଖିରାମ ସଲମା, କମିଟି ସଦସ୍ୟ ଅକାଲୁ ବାଗ, ପଦ୍ମଲୋଚନ ପୋଡ, ରେଣୁଧର ଗହିର ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଚିଚିଆ ଗ୍ରାମ ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ଗୋଲାମୁଣ୍ଡା,୩।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଚିଚିଆ ଗ୍ରାମରେ ଘଟିଥିବା ଏକ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନବରଙ୍ଗପୁର ଜିଲା ବନ୍ଦୋଗୁଡା ଗ୍ରାମର ଦିଲୀପ ବାଗ, ଉସିଜାନିଗୁଡା ଗ୍ରାମର ଉଦ୍ଧବ ହରିଜନ ଓ ହିରଲୀ ଗ୍ରାମର ଗୋବର୍ଦ୍ଧନ ହରିଜନ। ପୋଲିସ ସେମାନଙ୍କଠାରୁ ଏକ ହିରୋ ଏଚଏଫ ଡିଲକ୍ସ, ୩ଟି ମୋବାଇଲ ଓ ନଗଦ ୨୦୮୦ ଟଙ୍କା ଜବତ କରିଥିବା କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଏକ ପ୍ରେସ ନୋଟ ଯୋଗେ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଚିଚିଆ ଗ୍ରାମର ସଂଯୁକ୍ତା ସରାଫଙ୍କ ଘରୁ ଗତ ୨୨ ତାରିଖ ଚୋରି ହୋଇଥିଲା। ଏ ନେଇ ସଂଯୁକ୍ତା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଶନିବାର ଚିଚିଆ ଗ୍ରାମର ଲୋକେ ଏହି ଅଞ୍ଚଳରେ ଚୋରି ବଢୁଥିବା ଯୋଗୁ କଳାହାଣ୍ଡି ଏସ୍‌ପିଙ୍କଠାରେ ଫେରାଦ୍ ହୋଇଥିଲେ।

### ବାର୍‌ହା ଆକ୍ରମଣରେ ୨ ଆହତ

ଖଡ଼ିଆଳ,୩।୭(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ପଞ୍ଚାୟତର ଖାଲିଆମୁଡ଼ା ଗ୍ରାମରେ ବାର୍‌ହା ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର କ୍ଷୀର ମୋହନ ନିଆଲ (୩୫) ଓ ଜଗବନ୍ଧୁ ପୋଡ (୪୬)। ରବିବାର ସକାଳେ ନିଜ ଜମିରେ ଜଗବନ୍ଧୁ ଓ କ୍ଷୀର ମୋହନ ଧାନ ବୁଣୁଥିବା ବେଳେ ସେମାନଙ୍କୁ ବାର୍‌ହା ଆକ୍ରମଣ କରିଛି। ସେମାନଙ୍କ ଜଙ୍ଘ ଓ ଆଣ୍ଠୁରେ ଗଭୀର କ୍ଷତ ଲାଗିଛି। ଦୁଇ ଆହତ ବ୍ୟକ୍ତିଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ଜଙ୍ଗଲ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

### ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ଆଲୋଚନାଚକ୍ର

ଭବାନୀପାଟଣା,୩।୭(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣାରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଓ ଆଲୋଚନାଚକ୍ର ସେବା ଓ ସେବକ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିବେକ ସେନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ନିଃସ୍ୱାର୍ଥପର ଭାବେ ଜୀବନର ଶେଷ ନିଶ୍ୱାସ ଯାଏଁ ଅନବରତ ଲୋକଙ୍କ ପାଇଁ କାମ କରୁଥିଲେ। ସେବାର ଅନ୍ୟ ନାମ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବୋଲି ସ୍ଥାନୀୟ ବିବେକ କନଫେରେନ୍ସ ହଲଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧ ଦିବସରେ ଆୟୋଜିତ ଆଲୋଚନାଚକ୍ର ସେବା ଓ ସେବକ ଡିପିଏମ, ପ୍ରଶାନ୍ତ କୁମାର ମିଶ୍ର, ଓଏଲଏମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ବିବେକ ସେନା ପ୍ରତିଷ୍ଠାତା ଶିବରାମ ନାୟକ, ସାମାଜିକ କର୍ମୀ ବିବେକ ସେନା ଭବାନୀପାଟଣା ବ୍ଲକ ମୁଖ୍ୟ ନବୀନ କୁମାର ସା, ସାମାଜିକ କର୍ମୀ ସୁମିତ ଶତପଥୀ, ଆଇନଜୀବୀ ସୁମିତ କୁମାର ରାଉତ, ବିଜୟ କୁମାର ଦ୍ୱିବେଦୀ, କିସର ଜିଲା ସଂଯୋଜକ ଦୁଷ୍ମନ୍ତ କୁମାର ପ୍ରଧାନ ସମ୍ମାନିତ ଭାବେ ଯୋଗଦେଇଥିଲେ। ବିବେକ ସେନା ନର୍ଲା ବ୍ଲକ ବିବେକ ସେନା ସଭାପତି ମୋହନ କୁମାର ଭଟ ସଭା ପରିଚାଳନା କରିଥିଲା ବେଳେ ଶିକ୍ଷାବିତ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପରେ ସଭା ଆରମ୍ଭ କରାଯାଇଥିଲା।

# ସମସ୍ୟା ସମାଧାନ ପାଇଁ ଲଢେଇ କରିବାକୁ ସଂକଳ୍ପ

ସମ୍ବଲପୁର,୩।୭(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ତଥା ସମ୍ବଲପୁର ସହର ରେ ସମସ୍ୟା ବଢ଼ିବାରେ ଲାଗିଛି । ଦୀର୍ଘ ବର୍ଷ ହେଲା ମହାନଗର ନିଗମ ଘୋଷଣା ହୋଇଛି ସତ,ହେଲେ ନିଗମର ନିର୍ବାଚନ ହୋଇ ନ ଥିବାରୁ ନିର୍ବାଚିତ ଜନପ୍ରତିନିଧି ନାହାନ୍ତି। କେହି କାହାର କଥା ଶୁଣିବାକୁ ନାରାଜ। ଫଳରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହରବାସୀ ଏଣେତେଣେ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ।

ଏହି ସମ୍ବେଦନଶୀଳ ବିଷୟକୁ ନେଇ 'ଆମେ ସକ୍ଷମ' ଅନୁଷ୍ଠାନର ଆହ୍ୱାନକ୍ରମେ ସହରର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ସଚେତନ ଯୁବବର୍ଗଙ୍କର ଏକ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ବଲପୁର ମହାନଗର ନିଗମର ବୁର୍ଲା, ହୀରାକୁଦ ଓ ସମ୍ବଲପୁର ସହରର ଯୁବବର୍ଗ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମାଞ୍ଚଳର ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏହାଛଡା ସମଲେଇ ପ୍ରକଳ୍ପ, ଫ୍ଲାଏଓଭର, ମହାନଦୀର ପ୍ରଦୂଷଣ, ପାନୀୟ ଜଳ ସମସ୍ୟା, ଜଳଉତ୍ସଗୁଡିକର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ, ବିଦ୍ୟୁତ୍, ହୀରାକୁଦ ଶିଳ୍ପାଞ୍ଚଳର ପ୍ରଦୂଷଣ, ନାଳନର୍ଦ୍ଦମା, ସହରର ପାର୍କ, ପାଠାଗାର ଓ ସଫେଇ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହିସବୁ ସମସ୍ୟାର ସମାଧାନ କରିବାକୁ ଯେତିକି ତତ୍ପରତା ଦେଖାଇବା କଥା ତାହା ଜନପ୍ରତିନିଧି ଓ ଜିଲା ପ୍ରଶାସନ ଦେଖାଉ ନ ଥିବାରୁ ବୈଠକରେ ଚିନ୍ତାପ୍ରକଟ କରାଯାଇଥିଲା। ଏଥିସହ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ ଆଗାମୀ ଦିନରେ ଲଢେଇ କରିବାକୁ ବୈଠକରେ ସଂକଳ୍ପ ନିଆଯାଇଥିଲା। ଆଲୋଚନାରେ ଡା. ପ୍ରଭାସ ଦେବତା, ସରୋଜ ସାହୁ, ଆଇନଜୀବୀ ସୁଜିତ କୁମାର ମିଶ୍ର, ନବରସ କାନ୍ତ ପଟ୍ଟନାୟକ, ନନ୍ଦକିଶୋର ମିଶ୍ର, ମିଳନ ମହାରଣା, ସଞ୍ଜୟ ଚାନ୍ଦ, ପୂର୍ବତନ କାଉନସିଲର ଅଶୋକ ସୋନି, ରତ୍ନ ସୁନା, ସାମାଜିକ କର୍ମୀ ସଞ୍ଜୟ ଷଡ଼ଙ୍ଗୀ, ମୁକେଶ ଜରିୱାଲ ଭାଗ ନେଇଥିଲେ। ଏହାଛଡା ତାପସ ପରିଡା, ମାନସ ପତି, ସଞ୍ଜୟ କୁମାର ପଣ୍ଡା, କଳାକାର ଶଶାଙ୍କ ଶେଖର ଦୁବେ, ଆଶୁତୋଷ ବିଶି, ଆନନ୍ଦ ସୁନା, ମହମ୍ମଦ ଅନନ୍ତୁ, ଉପେନ୍ଦ୍ର ଝା, ଅଶୋକ ମେହେର, ଯୋଗେଶ ନନ୍ଦ, କିଶୋର ନାଏକ, ଶେଖର ଅଗ୍ରୱାଲ, ସୁବାଷ ସାହୁ, ରଞ୍ଜିତ ରଥ, ସୂର୍ଯ୍ୟ ପାଣିଗ୍ରାହୀ ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ଆଇନଜୀବୀ ଦେଓକିରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ଯୁବକମାନେ।

## ହୀରାକୁଦ କେଜ ଫିଶ କଲଚର ବୁଲି ଦେଖିଲେ ମତ୍ସ୍ୟ ମନ୍ତ୍ରଣାଳୟ ସଚିବ

ସମ୍ବଲପୁର,୩।୭(ବ୍ୟୁରୋ)

ସମ୍ବଲପୁର ଗସ୍ତରେ ଆସିଥିବା ଭାରତୀୟ ପ୍ରଶାସନିକ ସେବାର ଦୁଇ ବରିଷ୍ଠ ଅଧିକାରୀ ମତ୍ସ୍ୟ ମନ୍ତ୍ରଣାଳୟ ସଚିବ ଯତୀନ୍ଦ୍ର ନାଥ ସ୍ୱାଇଁ ଏବଂ ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ଶନିବାର ହୀରାକୁଦ ଜଳଭଣ୍ଡାରର କେଜ ଫିଶ କଲଚର ବୁଲି ଦେଖିଛନ୍ତ। ହୀରାକୁଦର କେଜ କଲଚର ଆଗକୁ ଏକ ସଫଳ ମଡେଲ ହେବାକୁ ଯାଉଛି। ମଧୁର ମାଛ ଉତ୍ପାଦନ ଆଗକୁ ବୃଦ୍ଧି ପାଇବ। ମାଛ ଚାଷ ଅଗ୍ରଗତି ନେଇ ଅଧିକାରୀମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। ଅଧିକାରୀମାନେ ଆବଦ୍ଧ ମାଛ ଚାଷ ପରିଦର୍ଶନ କରିବା ସହ ମାଛ ଚାଷୀ, ଉଦ୍ୟୋଗୀ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନେ ନୂତନ କେଜ ଫିଶ ସାଇଟ ପରିଦର୍ଶନ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସଙ୍କ ସମେତ ମତ୍ସ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ସମ୍ବଲପୁର ହୀରାକୁଦରେ ଅଧିକାରୀମାନେ ମତ୍ସ୍ୟ ଚାଷ ଦେଖୁଛନ୍ତି।

# ୨୫ ମିନିଟ ସମ୍ବଲପୁରୀ ପୋଷାକ ପ୍ରଦର୍ଶିତ



ସମ୍ବଲପୁରୀ ଫ୍ୟାଶନ ହବ ଡିଜାଇନର ରାଜୀବ ଓ ସେମ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି(ବାମ)। କ୍ଷେତରାଜପୁରଠାରେ ସମ୍ବଲପୁରୀ ହବ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ।

ସମ୍ବଲପୁର,୩।୭(ବ୍ୟୁରୋ)

- ଅନ୍ତର୍ଜାତୀୟ ର୍‍ୟାମ୍ପ ରନୱେ
- ରାଜୀବ ଓ ସେମଙ୍କୁ ଶ୍ରେଷ୍ଠ ଡିଜାଇନର ପୁରସ୍କାର

ଅନ୍ତର୍ଜାତୀୟ ର୍‍ୟାମ୍ପ ରନୱେ ଶୋରେ ସମ୍ବଲପୁରୀ ଫ୍ୟାଶନ ହବ ଭାଗ ନେଇ ସଫଳତା ହାସଲ କରିଛି। ଗତ ଜୁନ ୩୦ତାରିଖରେ ଦିଲ୍ଲୀସ୍ଥିତ ଆରିୟନ ପ୍ରେକ୍ଷାଳୟଠାରେ କାର୍ଯ୍ୟକ୍ରମ ହୋଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ମନୋନୀତ ୭ଜଣ ଡିଜାଇନର ଭାଗ ନେଇଥିଲେ। ସମ୍ବଲପରୀ ହବରୁ ୩୦ଜଣ ମଡେଲ ଓ ୫ଜଣ କାର୍ଯ୍ୟକର୍ତ୍ତା ସାମିଲ ଥିଲେ । ପ୍ରାୟ ୨୫ ମିନିଟ ପର୍ଯ୍ୟନ୍ତ ସମ୍ବଲପୁରୀ ପୋଷକକୁ ମଡେଲମାନେ ବିଭିନ୍ନ ଶୈଳୀରେ ପିନ୍ଧି ପ୍ରଦର୍ଶିତ କରିଥିଲେ। ଏଥିରେ ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରା ଝଲକ ରହିଥିଲା। ସମ୍ବଲପୁରୀ ଶାଢ଼ୀ ସମେତ ନେହେରୁ ବଣ୍ଡି, କୋଟ, କ୍ରପ ଟପ, ଶେରୱନୀକୁ ମଡେଲମାନେ ବ୍ୟବହୃତ କରିଥିଲେ। ଯାହାକି ଆୟୋଜକଙ୍କ ମନ ମୋହିଥିଲା। ଯଦ୍ୱାରା ସମ୍ବଲପୁରୀ ହବ ପ୍ରତିଷ୍ଠାତା ତଥା ଡିଜାଇନର ରାଜୀବ ପାଢ଼ୀ ଓ ସେମ ସାମନ୍ତରାୟ ଶ୍ରେଷ୍ଠ ଡିଜାଇନର ଭାବେ ଗୋଲଡେନ ୱିଙ୍ଗସ ଆୱାର୍ଡ ସିଜନ- ୪ ହାସଲ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମକୁ ପୁନମ ତୁଙ୍ଗ ଓ ଉତ୍କର୍ଷ ନିଗମ ଅୟୋଜନ କରିଥିଲେ। ଏନେଇ ରବିବାର ସମ୍ବଲପୁର କ୍ଷେତରାଜପୁରଠାରେ ସମ୍ବଲପୁରୀ ହବ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସ୍ୱୀକାର ସପ୍ତାହିକ ପତ୍ରିକା ସଂପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଡେଲ ଓ ଡିଜାଇନରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେକ ଅପ ଆର୍ଟିସ ସୁମିତା ସୋନୀ ଯୋଗ ଦେଇଥିଲେ।

## ଏସ୍‌ସି ମୋର୍ଚ୍ଚା ସାଙ୍ଗଠନିକ ବୈଠକ

ଜାମଟିକ୍ରା,୩।୭(ଡି.ଏନ.ଏ.)

ବରଗଡ ଜିଲା ଭେଡେନ ବ୍ଲକ ଥୁଆପାଲି ହରିଜନ ପଡାଠାରେ ରବିବାର ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ଗୌର ନାଗଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ଏସ୍‌ସି ମୋର୍ଚ୍ଚା ସଭାପତି ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିବା ସହିତ ସମସ୍ତ ହିତାଧିକାରୀ କିପରି କେନ୍ଦ୍ର ସରକାରଙ୍କ ଯୋଜନାରୁ ବଞ୍ଚିତ ନ ହେବେ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାର, ଭେଡେନ ବ୍ଲକ ଏମ୍‌ପି ପ୍ରତିନିଧି ବିପିନ ଭୋସାଗର, ସର୍କିଡା ମଣ୍ଡଳ ସାଧାରଣ ସମ୍ପାଦକ ଚନ୍ଦ୍ର ତାଣ୍ଡି, ପପଙ୍ଗା ମଣ୍ଡଳ ଏସ୍‌ସି ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର କୁଅଁର, ରାମଚନ୍ଦ୍ର ଛତ୍ରିଆ, କୃଷ୍ଣଚନ୍ଦ୍ର ବାଦୀ, ଚୂଡାମଣି ଉର୍ମା, ନେତ୍ରାନନ୍ଦ ତାଣ୍ଡି, ନୀଳମାଧବ ମହାନନ୍ଦ, ଭୁବନ ବିଟା ଛତ୍ରିଆ, କୁଳମଣି ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ମୋହିତ ମିଶ୍ର ଲୋଇସିଂହା ପାକ୍ସ ସଭାପତି ନିର୍ବାଚିତ

ଲୋଇସିଂହା,୩।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ମୋହିତ ମିଶ୍ର ନିର୍ଦ୍ୱନ୍ଦ୍ୱରେ ରବିବାର ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି। ରବିବାର ନିର୍ବାଚନ ଅଧିକାରୀ ବସନ୍ତ କୁମାର ଛୁରିଆଙ୍କ ନିକଟରେ ସଭାପତି ପଦବୀ ପାଇଁ ମୋହିତ ଏକାକୀ ନାମାଙ୍କନ ଦାଖଲ କରିଥିଲେ । ଲଗାତାର ଦ୍ୱିତୀୟ ଥର ପାଇଁ ସେ ସଭାପତି ନିର୍ବାଚିତ ହୋଇଛନ୍ତି। ସବୁଧାରେ ଋଣ ଓ ଧାନବିକ୍ରିକୁ ସେ ପ୍ରାଥମିକତା ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ ମୋହିତ କହିଛନ୍ତି। ସେହିପରି ପାକ୍ସ ଅଧୀନ ୧୫ ୱାର୍ଡର ନିର୍ଦ୍ଦେଶକମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## କିଣ୍ଡିରା ସ୍କୁଲରେ ବନମହୋତ୍ସବ

କୁଚିଣ୍ଡା,୩।୭(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତର କିଣ୍ଡିରା ଆବାସିକ ବିଦ୍ୟାଳୟ ଠାରେ ରବିବାର ଚାଇଲ୍ଡ ଲାଇନ ପକ୍ଷରୁ ବନ ମହୋତ୍ସବର ତୃତୀୟ ଦିବସରେ ବୃକ୍ଷରୋପଣ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ବିରେଶ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୃକ୍ଷରୋପଣ, ପ୍ଲାଷ୍ଟିକ ତିଆରି ଜିନିଷ, ପ୍ଲାଷ୍ଟିକ ମୁଣା ବ୍ୟବହାରକୁ ବର୍ଜନ କରିବା ଏବଂ ପରିବେଶର ଯତ୍ନ ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଇଲ୍ଡ ଲାଇନ କର୍ମୀ ନମାନି ହେମ୍ବ୍ରମ ଯୋଗଦେଇ ଚାରାରୋପଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧରେ ବାର୍ତ୍ତା ଦେଇ ଛାତ୍ରମାନଙ୍କୁ ଚାରାରୋପଣ ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ୱେତାଙ୍ଗିନୀ ବାରିକ ସହଯୋଗ କରିଥିଲେ।

## ହାତୀ ଆତଙ୍କ,୯ ଘର ଭାଙ୍ଗି ଦେଲେ


ସମ୍ବଲପୁର ସଦର ରେଞ୍ଜରେ ହାତୀ ଘର ଭାଙ୍ଗି ଦେଇଛି।

ସମ୍ବଲପୁର,୩।୭(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନ ଗ୍ରାମଗୁଡିକରେ ହାତୀ ଆତଙ୍କ ଦେଖାଦେଇଛି । ସନ୍ଧ୍ୟା ହେଲେ ହାତୀପଲ ଗାଁରେ ପଶି ଲୋକଙ୍କ ଘର ଭାଙ୍ଗି ଦେବା ସହ ଆସବାବପତ୍ର ନଷ୍ଟ କରି ଦେଉଛି। ଶନିବାର ରାତିରେ ହାତୀପଲ କୁମେର ଗ୍ରାମର ଅନ୍ତର୍ଯ୍ୟାମୀ ଭୋଇ, ଚନ୍ଦ୍ରମଣି ଭୋଇ, ଗଣ୍ଡା ଭୋଇ, ଦନାର ବୁଡେକ, ଶମ୍ଭୁ ଭୋଇ, ପ୍ରସନ୍ନ ବିଶି, ସିନ୍ଦି ବାଗ, ଅଶ୍ରିତା ବାଡା ଓ ବାରଲୋଇ ଗ୍ରାମର ପ୍ରଭୁସାୟ ବାଡାଙ୍କ ଘର ଭାଙ୍ଗି ଦେଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାପୂର୍ବରୁ ହାତୀପଲ ବହୁ ଲୋକଙ୍କ ଘର ଭାଙ୍ଗିଥିଲେ ହେଁ ବନ ବିଭାଗ ପକ୍ଷରୁ ଅଦ୍ୟାବଧି କ୍ଷତିପୂରଣ ମିଳିନାହିଁ। ଅନ୍ୟପକ୍ଷରେ ହାତୀପଲକୁ ଘଉଡାଇବାରେ ବନ ବିଭାଗ ତତ୍ପରତା ଦେଖାଉ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି ।

# ଜଙ୍ଗଲ ଅଧିନିୟମ କମିଟି ଗଠିତ

କୁଚିଣ୍ଡା,୩।୭(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ଅନ୍ତର୍ଗତ କଟୁପାଲି ଗ୍ରାମରେ ଶନିବାର ଏକ ପଲ୍ଲୀସଭା ଅନୁଷ୍ଠିତ ହୋଇ ଜଙ୍ଗଲ ଅଧିନିୟମ କମିଟି (ଏଫଆରସି)ଗଠିତ ହୋଇଛି। ୱାର୍ଡ ସଭ୍ୟ ଜଗବନ୍ଧୁ ସୁହୁଲାଙ୍କ ସଭାପତିତ୍ୱରେ ହୋଇଥିବା ପଲ୍ଲୀସଭାରେ ସରପଞ୍ଚ ପିଙ୍କି ନାଏକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯଶୋବନ୍ତ ବିଶ୍ୱାଳ ଯୋଗଦେଇ ଜଙ୍ଗଲ ଅଧିକାର ନିୟମ ଓ ଏଫଆରସି କମିଟି ଗଠନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବଲପୁର ମାନବ ଅଧିକାର ସମିତି କର୍ମୀ ଦୀନେଶ କୁମାର ନାଏକ ଉପସ୍ଥିତ ରହି ଜଙ୍ଗଲ ଅଧିନିୟମ, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ବିଧି ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ସର୍ବସମ୍ମତି କ୍ରମେ ଏଫଆରସି କମିଟି ଗଠନ କରାଯାଇଥିଲା। ଏଥିରେ ବିମଳ ଟେଟେ ସଭାପତି, ଜୟନାରାୟଣ ନାଏକ ସମ୍ପାଦକ, ସନ୍ତୋଷ ଧୂରୁଆ, ଫ୍ରାନସିସ କିଡୋ, ଭାସ୍କର କିସାନ, ଉଲାସ ଟପୋ, ଜରାକାନ୍ତି ଧୂରୁଆ, ସବିତା ବାଘ, ଦୁର୍ଶିଳା ନାଏକ, ସରୋଜିନୀ ପଟେଲ, ଅନାଦି କିସାନ, ଝସକେତନ ବାରିକ, ପ୍ରଫୁଲ୍ଲ କିସାନ, ପ୍ରଶ୍ନ ନାଏକ ପ୍ରମୁଖ ସଭ୍ୟ ଭାବେ ମନୋନୀତ ହୋଇଥିଲେ।

# ସମ୍ବଲପୁର:ଚିତ୍ରକଳା ପ୍ରଦର୍ଶନୀ

ସମ୍ବଲପୁର,୩।୭(ବ୍ୟୁରୋ)

ଚିତ୍ରକଳା ସଂସ୍ଥା ସମ୍ବଲପୁର ଧନୁପାଲିସ୍ଥିତ କଳା ଏକାଡ଼େମୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ ବଡବଜାର ଗୌରୀଶଙ୍କର ସାହାଣୀ ଉଦ୍ୟାନ ପରିସରସ୍ଥ ରିଜିଓନାଲ ଆର୍ଟ ଗ୍ୟାଲେରୀଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଏନ. ନାଗାରାଜୁ ଓ ବିଶିଷ୍ଟ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା ଆନୁଷ୍ଠାନିକ ଭାବେ ପ୍ରଦର୍ଶନୀ ଶୁଭାରମ୍ଭ କରିଥିଲେ। ଏହି ପ୍ରଦର୍ଶନୀରେ ଏକାଡ଼େମୀର ଛାତ୍ରୀଛାତ୍ର ତଥା କଳା ଶିକ୍ଷକମାନଙ୍କ ଦ୍ୱାରା ଅଙ୍କିତ ୮୦ରୁ ଊର୍ଦ୍ଧ୍ୱ ପେଣ୍ଟିଂ ସ୍ଥାନିତ ହୋଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରଦର୍ଶନୀ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ ସଞ୍ଜୟ ସାହୁ, ଶିକ୍ଷକବୃନ୍ଦ, ଛାତ୍ରୀଛାତ୍ର, ଶୁଭେଚ୍ଛୁ ତଥା ରିଜିଓନାଲ ଆର୍ଟ ଗ୍ୟାଲେରୀର ପରିଚାଳକ ବିଦ୍ୟାପତି ପ୍ରଧାନ ପରିଚାଳନା କରିଥିଲେ।


ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ରାମଜୀ ମନ୍ଦିର ଛକରୁ ବାଲିବନ୍ଧା ରାସ୍ତାରେ ବସିଲା ବଜାର

ସମ୍ବଲପୁର,୩।୭(ବ୍ୟୁରୋ)

**ସର୍ବପୁରାତନ ସାପ୍ତାହିକ କମଳି ବଜାର**

ସମ୍ବଲପୁର ସହରସ୍ଥିତ ଐତିହାସିକ ସର୍ବପୁରାତନ ସାପ୍ତାହିକ କମଳି ବଜାର ରବିବାର ରାମଜୀ ମନ୍ଦିର ଛକରୁ ବାଲିବନ୍ଧା ରାସ୍ତାରେ ବସିଲା। ଫଳରେ ବ୍ୟବସାୟୀ ଓ ଖୁଚରା ବେପାରୀ ଆଶ୍ୱସ୍ତି ହେବା ସହ ସେମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପାଟଣେଶ୍ୱରୀ ମନ୍ଦିର ଅଞ୍ଚଳରେ ଏହି ବଜାର ବସୁଥିଲା। ସୂଚନାଯୋଗ୍ୟ ଯେ, ୧୮୬୪-୬୫ ମସିହାରୁ ସାପ୍ତାହିକ କମଳି ବଜାର ପ୍ରତି ରବିବାର ବସି ଆସୁଛି। ସମଲେଇ ମନ୍ଦିର ଓ ପାରିପାର୍ଶ୍ୱିକ ବିକାଶ ସକାଶେ ରାଜ୍ୟ ସରକାର ସମଲେଇ ଯୋଜନା କରିଛନ୍ତି। ଏଥିପାଇଁ ପ୍ରାୟ ୨ଶହ କୋଟି ବ୍ୟୟ ଅଟକଳ ରହିଛି। ଏହି ଯୋଜନାରେ କମଳିବଜାର ବସୁଥିବା ଜମି ମଧ୍ୟ ଚିହ୍ନଟ ହୋଇଛି। ତେଣୁ ଗତ ୨୬ ତାରିଖ ରବିବାର ସକାଳେ ପ୍ରଶାସନର ଅଧିକାରୀମାନେ ବଜାର ବସିବା ସମୟରେ ବନ୍ଦ କରିଥିଲେ । ଏହାକୁ ନେଇ ପ୍ରାୟ ୨ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗତ ୨୯ ତାରିଖ ଦିନ ସମ୍ବଲପୁର ମହାନଗର ନିଗମ ଅଫିସଠାରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ, ସମ୍ବଲପୁର ଉଠାଦୋକାନୀ ସଂଘ କର୍ମକର୍ତ୍ତା ଓ ସଭ୍ୟ ଏବଂ କମଳିବଜାର ବ୍ୟବସାୟୀମାନେ ସାମିଲ ଥିଲେ। ସେଠାରେ ଉପରୋକ୍ତ ସ୍ଥାନରେ ବଜାର ବସିବାକୁ ସ୍ଥିର ହୋଇଥିଲା । କିନ୍ତୁ ବ୍ୟବସାୟୀମାନେ ଏହାର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବ କରିଛନ୍ତି।


ସାପ୍ତାହିକ କମଳି ବଜାର ରବିବାର ରାମଜୀ ମନ୍ଦିର ଛକରୁ ବାଲିବନ୍ଧା ରାସ୍ତାରେ ବସିଛି।

## ବସ୍ତିବାସିନ୍ଦାଙ୍କୁ ସହାୟତା ପ୍ରଦାନ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ରାଜଗୋପାଳ ନଗର ବସ୍ତିବାସିନ୍ଦାଙ୍କୁ ସହାୟତାର ହାତ ବଢ଼ାଇଛି ଷ୍ଟଙ୍ଗର ଟୁଗେଦର ଗ୍ରୁପ। ଏହି ଗ୍ରୁପ ପକ୍ଷରୁ ରବିବାର ମାଗଣାରେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ଛତା ବଣ୍ଟନ କରାଯାଇଛି। ସେହିପରି ବସ୍ତିର ଛୋଟ ଛୋଟ ପିଲାମାନଙ୍କୁ ଖାତା, ପେନସିଲ ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ପ୍ରତି ମାସରେ ଏହି ଭଳି ସାମାଜିକ କାର୍ଯ୍ୟକ୍ରମ ଷ୍ଟଙ୍ଗର ଟୁଗେଦର ପକ୍ଷରୁ କରାଯାଉ ଥିବାରୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତିକ୍ଷା ପ୍ରିୟଦର୍ଶନୀ ଠାକୁର, ପ୍ରଜ୍ଞା ଦାସ, ଭାରତୀ ବେହେରା, ଆଲୋକ ସାହୁ, ଶିବା ଆଚାରୀ, ଦେବାଶିଷ ରଥ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**୩ମାସ ତଳେ ବିବାହ କରିଥିଲେ**

**ଖପ୍ରାଖୋଲ,୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଡୁଡ଼କିପଦର ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ତାଙ୍କ ଘରୁ ଜବତ କରିଛି। ମୃତକ ହେଲେ ଗଣେଶ ବରିହା(୩୦)। ସୂଚନା ଅନୁସାରେ ପରିବାର ସହ ଶନିବାର ରାତିରେ ଗଣେଶ ଘରେ ଶୋଇଥିଲେ। ହେଲେ ରବିବାର ସକାଳେ ତାଙ୍କ ସ୍ତ୍ରୀ ଉଠିଲା ପରେ ଗଣେଶଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ପୋଲିସକୁ ଜଣାଇବା ପରେ ଖପ୍ରାଖୋଲ ପୋଲିସ ମୃତଦେହ ଜବତ କରିଥିଲେ। ସୂଚନାଯୋଗ୍ୟ କି, ଗଣେଶ ତିନି ମାସ ତଳେ ବିବାହ କରିଥିଲେ। ଜେସିବି ଡ୍ରାଇଭର ଭାବେ ସେ କାମ କରୁଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରକୁ ବିପଦ ସୃଷ୍ଟି କରୁଥିବା ଗଛ କଟା ଯାଉନି

**ଲାଠୋର,୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅଧୀନ ପିପଲବାହାଲ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ନଂ ୧ ପାଖରେ ଏକ ପୁରୁଣା ମହୁଲ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଗଛକୁ କାଟିବା ପାଇଁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଥିଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ମହୁଲ ଗଛଟି ପୋଲା ହୋଇ ଯାଇଥିବା ବେଳେ କେତେବେଳେ ଭାଙ୍ଗି ପଡିବ କହି ହେଉନାହିଁ। ପୁନଶ୍ଚ ଗଛ ବିଦ୍ୟୁତ୍ ଖୁଣ୍ଟକୁ ଢଳି କରି ରହିଥିବାରୁ ଅଧିକ ବିପଦ ଆଶଙ୍କା ରହିଛି। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ କୌଣସି ବ୍ୟବସ୍ଥା କରାଗଲାନାହିଁ। ଏପରି ଅବସ୍ଥାରେ ଯଦି ଗଛ ଭାଙ୍ଗି କାହାର କିଛି କ୍ଷତି ଘଟେ ତାହେଲେ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏନେଇ ପାଟଣାଗଡ଼ ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀଙ୍କୁ ଯୋଗାଯୋଗ କରିବାରୁ ରେଞ୍ଜରଙ୍କୁ କହି ଯଥାଶୀଘ୍ର ସମସ୍ୟାର ସାମଧାନ କରାଯିବ ବୋଲି କହିଛନ୍ତି।

### ଶ୍ୟାମଳ ଦଳିତ ସାହିତ୍ୟ ଏକାଡ଼େମୀ ଜାତୀୟ ସମ୍ପାଦକ ମନୋନୀତ

**ଲାଠୋର,୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଗ୍ରାମର ଶ୍ୟାମଳ ସୁନା ଭାରତୀୟ ଦଳିତ ସାହିତ୍ୟ ଏକାଡ଼େମୀର ଜାତୀୟ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ସେ ଏହି ପଦ ପାଇଁ



ମନୋନୀତ ହେବା ପୂର୍ବରୁ ସଂଗଠନର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ଏବଂ ସଭାପତିଭାବେ କାମ କରି ସାରିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳରେ ଲୁଚି ରହିଥିବା ଅନେକ ପ୍ରତିଭାଙ୍କୁ ଜାତୀୟସ୍ତରକୁ ପହଞ୍ଚାଇବାରେ ତାଙ୍କର ଭୂମିକା ରହିଛି। ବର୍ତ୍ତମାନ ସେ ବଲାଙ୍ଗୀର ଜିଲା ବଡ଼ମାଲସ୍ଥିତ ଗୋଳା ବାରୁଦ କାରଖାନେରେ କାର୍ଯ୍ୟରତ ଅଛନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଜାତୀୟସ୍ତରରେ ପରିଚିତ କରାଇବା ତାଙ୍କର ମୂଳ ଲକ୍ଷ ହେବ ବୋଲି ସୁନା କହିଛନ୍ତି।

### ମାତୃପିତୃ ଚରଣ ବନ୍ଦନା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୩।୭(ଡି.ଏନ.ଏ):** ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଜିଲା ଷାଠିଏ ଘର ଡୁମାଲ ସମାଜର ପକ୍ଷରୁ ମାତାପିତା ଚରଣ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିତାମାତ,ଗୁରୁଜନ ଓ ଭଗବାନଙ୍କ ଚରଣ ବନ୍ଦନା କଲେ ଜୀବନରେ ଶାନ୍ତି, ସମୃଦ୍ଧି ଓ ସଫଳତା ମିଳିଥାଏ । ଉଚ୍ଚଲକ୍ଷ ନେଇ ଏକାଗ୍ରତା ସହ ପରିଶ୍ରମ କଲେ ସଫଳତା ଆପଣା ଛାଏ ମିଳିବ । ଏହି ମନ୍ତ୍ରକୁ ପାଥେୟ କରି ଯୁବପୀଢ଼ି ଆଗକୁ ବଢ଼ିବାକୁ ଜଗଦାନନ୍ଦ ଛୁରିଆ, ଟେକାମଣୀ ମହାକୁର, ଡା.ରାଧାକାନ୍ତ ବାଗ, ନାରାୟଣୀ କର୍ମୀ, ଶର୍ମିଷ୍ଠା ପଧାନ, ପ୍ରମିଳା ମହାକୁର, ଭୋଳାନାଥ ଗୁରାଣ୍ଡି, ରାଧିକା ଡାଙ୍ଗ, ଲକ୍ଷ୍ମୀ ମହାକୁର, ମକାରୁ ମହାକୁର, ସରସ୍ୱତୀ ମହାକୁର ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୁବପୀଢ଼ିଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଆଇନଜୀବୀ ଜଗନ୍ନାଥ କରଣ, ରମାକାନ୍ତ ପଧାନ, ତୀର୍ଥ ପଧାନ, ବରୁଣ ବଘାର, ଶରତ ଖମାରୀ, କୃତ୍ତିବାସ କର୍ମୀଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ସଭାପୂର୍ବରୁ ମାତାପିତାଙ୍କ ଚରଣ ବନ୍ଦନା କରାଯାଇଥିଲା ।

# କଳାକାର ଭତ୍ତାରେ ବି ଆଞ୍ଚଳିକ ବୈଷମ୍ୟ

**ବଲାଙ୍ଗୀର ଅଫିସ,୩।୭**

- ୧୫୬୬ କଳାକାରଙ୍କ ମଧ୍ୟରୁ ପଶ୍ଚିମ ଓଡ଼ିଶାର ମାତ୍ର ୬୧ଜଣଙ୍କ ନାମ କେନ୍ଦ୍ର ସରକାରଙ୍କ ଭତ୍ତା ଓ ସହାୟତା ପାଇଁ ସୁପାରିସ
- ପଶ୍ଚିମ ଓଡ଼ିଶାର ଲୋକକଳା, କଳାକାରଙ୍କୁ ଅବହେଳା
- ସୂଚନା ଅଧିକାର ଆଇନ ତଥ୍ୟରୁ ସ୍ପଷ୍ଟ ହେଉଛି ଚିତ୍ର

ପଶ୍ଚିମ ଓଡ଼ିଶା ପ୍ରତି ଆଞ୍ଚଳିକ ବୈଷମ୍ୟ ଅଭିଯୋଗ ଢେର ପୁରୁଣା। ରାଜ୍ୟ ହେଉ ବା କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶା ପାଇଁ ଆଞ୍ଚଳିକ ବୈଷମ୍ୟ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏବେ କଳାକାର ଭତ୍ତା ପ୍ରଦାନରେ ବି ଆଞ୍ଚଳିକ ବୈଷମ୍ୟ ସୂଚନା ଅଧିକାର ଆଇନ ତଥ୍ୟରୁ ସ୍ପଷ୍ଟ ହୋଇଥିବା ଜଣାପଡିଛି।

ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି ଯେ, ୨୦୨୧ମସିହାରେ ରାଜ୍ୟ ସରକାର କେନ୍ଦ୍ରୀୟ ପେନ୍‌ସନ ଓ ଚିକିତ୍ସା ସହାୟତା ପାଇଁ ରାଜ୍ୟର ସମୁଦାୟ ୧୫୬୬ ଜଣ ଦୁଃସ୍ଥ କଳାକାରଙ୍କ ନାମ ୫ଟି ପର୍ଯ୍ୟାୟରେ କେନ୍ଦ୍ରକୁ ସୁପାରିସ କରିଥିଲେ। ରାଜ୍ୟ ସରକାରଙ୍କ ଭତ୍ତା ପାଉଥିବା ଏହି ୧୫୬୬ କଳାକାରଙ୍କ ମଧ୍ୟରୁ ପଶ୍ଚିମ ଓଡ଼ିଶାରୁ ମାତ୍ର ୬୧ଜଣଙ୍କ ନାମ କେନ୍ଦ୍ର ସରକାରଙ୍କ ଭତ୍ତା ଓ ସହାୟତା ପାଇଁ ସୁପାରିସ କରାଯାଇଛି। ୨୦୧୯ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ସମୁଦାୟ ୩୪୮ ଜଣ ଭତ୍ତା ପାଉଥିବା କଳାକାରଙ୍କ ନାମ କେନ୍ଦ୍ରୀୟ ଭତ୍ତା ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୨ ଜଣ ପଶ୍ଚିମ ଓଡ଼ିଶାର କଳାକାର ରହିଥିବା ଜଣାଯାଇଛି। ୨୦୧୮ ମସିହାରେ ରାଜ୍ୟର ସମୁଦାୟ ୧୧୪ଜଣଙ୍କ ନାମ ସୁପାରିସ କରାଯାଇଥିଲା। ଏହା ମଧ୍ୟରୁ ମାତ୍ର ୨୭ଜଣ ପଶ୍ଚିମ ଓଡ଼ିଶାର କଳାକାର। ସେହିବର୍ଷ ମାତ୍ର ୩ ଜଣ ଆକାଶବାଣୀ କଳାକାରଙ୍କ ନାମ ମଧ ଏହି ୧୧୪ ଜଣଙ୍କ ମଧରେ ରହିଥିଲା। ତେବେ ଉକ୍ତ ତିନିଜଣ ଯାକ କଟକର ବୋଲି ଜଣାଯାଇଛି। ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ପ୍ରତିଭାବାନ ଦୁଃସ୍ଥ ଓ ଅସହାୟ କଳାକାର ରହିଥିବାବେଳେ ସେମାନଙ୍କୁ ସରକାରଙ୍କ ଆର୍ଥିକ ସହାୟତା ଯୋଜନାରେ ସାମିଲ କରାଯାଇ ପାରୁନାହିଁ । ଉକ୍ତ ଅଞ୍ଚଳର କଳାକାରମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ସେମାନେ କିଭଳି ଓ କେବେ ଆବେଦନ କରିପାରିବେ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀସ୍ତରରେ ସଚେତନ କରାଯାଇପାରୁନାହିଁ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାରମାନଙ୍କୁ ୧୨୦୦ଟଙ୍କା ପେନ୍‌ସନ ବାବଦକୁ ଦେଉଥିବା ବେଳେ କେନ୍ଦ୍ରର ଆର୍ଥିକ ସହାୟତା ପାଇଁ ଯୋଗ୍ୟତାଭିତ୍ତିରେ ସୁପାରିସ କରିଥାନ୍ତି। ରାଜ୍ୟ ସହାୟତା ପାଇଁ ଯୋଗ୍ୟତା ବୟସ ପୁରୁଷ କଳାକାରଙ୍କ ପାଇଁ ୫୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ମହିଳା କଳାକାରଙ୍କ ପାଇଁ ୪୦ ବର୍ଷରୁ କମ୍ ରହିଛି। ସେହିଭଳି କେନ୍ଦ୍ରୀୟ ସହାୟତା ପାଇଁ ସର୍ବନିମ୍ନ ବୟସ ସୀମା ୬୦ବର୍ଷ ରହିଛି । ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ସୂଚନା ଅଧିକାର ଆଇନ ବଳରେ ଉପରୋକ୍ତ ତଥ୍ୟ ମାଗିବା ପରେ ପ୍ରେସ୍ ବିଜ୍ଞପ୍ତିରେ ପଶ୍ଚିମ ଓଡ଼ିଶାର କଳାକାରଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ଆଧୁନିକ ଯନ୍ତ୍ର ସଙ୍ଗୀତ ପ୍ରଭାବରେ ପଶ୍ଚିମ ଓଡ଼ିଶାର କଳାକାରମାନେ କିଭଳି ଦୟନୀୟ ସ୍ଥିତିକୁ ଆସିଛନ୍ତି ଏବଂ ପାରମ୍ପରିକ କଳା ଓ କଳାକାରମାନେ କିପରି ଦୁଃସ୍ଥିତିର ସମ୍ମୁଖୀନ ହେଉଛନ୍ତି ଏହା ସର୍ବଭାରତୀୟ ଓ ବିଶ୍ୱସ୍ତରରେ ପ୍ରଶଂସିତ ହୋଇଥିବା ଭୂଖା ଚଳଚ୍ଚିତ୍ରରେ ନିଚ୍ଛକ ଭାବେ ପ୍ରଦର୍ଶନ କରାଯାଇଥିଲା। କିନ୍ତୁ ସରକାର ତଥାପି ଉଦାସୀନ ରହିବା ପଶ୍ଚିମ ଓଡ଼ିଶା ପ୍ରତି ଆକ୍ରୋଶମୂଳକ ଅବହେଳା ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା ଅଭିଯୋଗ କରିଛନ୍ତି।



ଦେଓଗାଁ ବ୍ଲକ ସାଲେପାଲି ମାଉସୀ ମା ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ବରାହ ଅବତାର।

## ଉନ୍ମତ୍ତ ଯୁବକଙ୍କୁ ଗିରଫ ଦାବି




ଉନ୍ମତ୍ତ ଯୁବକଙ୍କୁ ଗିରଫ ଦାବିରେ ବଗଡା ଗ୍ରାମବାସୀ ଦେଓଗାଁ ଥାନାକୁ ଆସିଛନ୍ତି।

**ଦେଓଗାଁ,୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବଗଡା ଗାଁରେ ୨ଜଣ ଯୁବକ ଶୁକ୍ରବାର ଆତଙ୍କ ଖେଳାଇଥିଲେ। ଗାଁର କେତେକ ଯୁବକଙ୍କୁ ସେମାନେ ବିନା କାରଣରେ ମାରପିଟ କରିଥିଲେ। ସମ୍ପୃକ୍ତ ଯୁବକଦ୍ୱୟଙ୍କୁ ଗିରଫ ଦାବିରେ ରବିବାର ଗ୍ରାମବାସୀ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ରିଙ୍କୁ ଓ ଗିରିଶ ଅନେକ ଦିନ ହେଲା ଗାଁ ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ମହିଳାମାନଙ୍କୁ ଦେଖିଲେ ଦୁର୍ବ୍ୟବହାର କରିଆସୁଛନ୍ତି। ଉଭୟ ଯୁବକ ତୁଷୁରାରେ କାମ କରୁଥିବାରୁ ସେଠାକାର କେତେକ ଯୁବକଙ୍କୁ ବଗଡା ଆଣି ଧମକ ଦେଇ ଆସୁଛନ୍ତି। ତେବେ ରଥଯାତ୍ରା ଦିନ ଗାଁରେ କେତେକ ଯୁବକଙ୍କୁ ମାରପିଟ କରିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁରେ ଏକ ସାମୂହିକ ବୈଠକ ବସି ପ୍ରଥମେ ଆଇନତଃ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

## ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

**ଲୋଇସିଂହା,୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ମୁରସୁଣ୍ଡି ଗ୍ରାମ ନିକଟ ଅଙ୍ଗନଦୀ କୂଳରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ନିଖୋଜ ଥିବା ସୁବର୍ଣ୍ଣପୁର ଜିଲା ଦିଗଶିରା ଗ୍ରାମର ବବଲୁ ମେହେର(୨୨) ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରଛନ୍ତି। ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଲୋଇସିଂହା ଥାନାରେ ଏକ ଅପମୃତ୍ୟୁ ମାମଲା(୨୦/୨୨)ରୁଜୁ ହୋଇଥିବା ସାଲେଭଟା ଏଏସଆଇ ସୁଶାନ୍ତ ଭୋଇ କହିଛନ୍ତି। ପୋଲିସ ସୂଚନା ମତେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଦିଗଶିରା ଗ୍ରାମର ବବଲୁ ଗତ ଜୁନ ୨୭ତାରିଖରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନପାଇବାରୁ ୨୯ତାରିଖରେ ଡୁଙ୍ଗରିପାଲି ଥାନାରେ ଏତଲା ଦେଇଥିଲେ । ମୁରସୁଣ୍ଡି ଗ୍ରାମର ଲୋକେ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ମୋବାଇଲ ରିଙ୍ଗ ହେଉଥିବା ଏବଂ ଲାଇଟ ଜଳୁଥିବା ଦେଖିବାକୁ ପାଉଥିଲେ। ହେଲେ ଶନିବାର ସେହି ଅଞ୍ଚଳରୁ ଦୁର୍ଗନ୍ଧ ଆସୁଥିବାରୁ ଗଳିତ ଶବ ଆଶଙ୍କା କରି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଶନିବାର ସନ୍ଧ୍ୟାରେ ଲୋଇସିଂହା ଓ ସାଲେଭଟା ପୋଲିସ ଘଟଣାସ୍ଥଳକୁ ଯାଇ ଗଛରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଥଇବା ଦେଖିବାକୁ ପାଇଥିଲେ। ଗାଁର ଜଣେ ଯୁବତୀଙ୍କ ସହ ବାବଲୁଙ୍କ ପ୍ରେମ ସମ୍ପର୍କ ଥିଲା। ସମ୍ପୃକ୍ତ ଯୁବତୀଙ୍କ ଆକସ୍ମିକ ମୃତ୍ୟୁ ପରେ ଭାଙ୍ଗି ପଡି ବବୁଲ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କୁହାଯାଉଛି। ଅପରପକ୍ଷେ ବବଲୁଙ୍କୁ ହତ୍ୟା କରାଯାଇଥାଇ ପାରେ ବୋଲି ଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ଗଜା ହେଉନି ସରକାରୀ ଧାନ ବିହନ

**ନୂଆପଡ଼ା ଅଫିସ,୩।୭**

ନୂଆପଡା ଜିଲାରେ ମୌସୁମୀ ବର୍ଷା ଅନିଶ୍ଚିତତା ଦେଖାଦେଇଥିବା ବେଳେ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ଚାଷୀ ହତାଶ ହୋଇ ପଡିଛନ୍ତି। ଏଭଳିସ୍ଥିତିରେ ସରକାରୀ ଓ ବେସରକାରୀ ବିହନ କେନ୍ଦ୍ରଗୁଡିକରୁ ଚାଷୀ ହଜାର ଟଙ୍କାର ସରକାରୀ ସ୍ୱୀକୃତି ପ୍ରାପ୍ତ ଧାନ କିଣି ବୁଣୁଛନ୍ତି। କିନ୍ତୁ ତାହା ଗଜା ନ ହେବାରୁ ଚାଷୀ ଠକାମୀର ଶିକାର ହେଇଥିବା ଅଭିଯୋଗ ହେଉଛି। ଜିଲାରେ ଗୋଟିଏପଟେ ମୌସୁମୀ ବର୍ଷା ଲୁଚକାଳି ଖେଳୁଥିବା ବେଳେ ଅନ୍ୟପଟେ ସରକାରୀ ବିହନ ଗଜା ନ ହେବା ଚାଷୀଙ୍କୁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇଛି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଚଳିତ ଖରିଫ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରାପ୍ତ ୨୬ଟି ପ୍ରାଥମିକ କୃଷି ସମବାୟ ସମିତି ଯୋଗେ ୧ ହଜାର ୭୦୬ କୁଇଣ୍ଟାଲ ଧାନ ବିହନ ଓ ୭୭ଟି ପ୍ରାଇଭେଟ ଡିଲର ଯୋଗେ ୧୦ ହଜାର ୫୯୩ କୁଇଣ୍ଟାଲ ଧାନ ବିହନ ଜିଲାକୁ ଯୋଗାଇ ଦିଆଯାଇଛି। ଜିଲାର ଶହ ଶହ ଚାଷୀ ହଜାର ହଜାର ଟଙ୍କା ଦେଇ ଧାନ ବିହନ କିଣି ଜମିଲେ ବୁଣିଥିଲେ। ଆଜକୁ ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ଗଜା ନ ହେବାରୁ ଏକ ପ୍ରକାର ଠକାମୀର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା କୃଷି ଅଧିକାରୀ ଅମରେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଆମେ ପ୍ୟାକ୍ସ ଓ ପ୍ରାଇଭେଟ ଡିଲର ମାଧ୍ୟମରେ ଚାଷୀଙ୍କୁ ଧାନ ବିହନ ଯୋଗାଇ ଦେଉଛୁ। ବର୍ତ୍ତମାନ ୭୭ ପ୍ରତିଶତ ଧାନ ବିକ୍ରୟ ହୋଇ ସାରିଲାଣି। ଧାନ ଗଜା ନ ଉପରେ ଆମ ପାଖଠାରେ ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିବା ପରେ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ପ୍ରକାଶ କରିଥିଲେ।

## ନିରଞ୍ଜନ ବିଶିଙ୍କୁ ଆଦିବାସୀ ମହାସଂଘର ସମ୍ବର୍ଦ୍ଧନା

**ଟିଟିଲାଗଡ,୩।୭ (ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ତଥା ନବ ନିର୍ବାଚିତ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଟିଟିଲାଗଡରେ ସମ୍ବର୍ଦ୍ଧିତ କରାଯାଇଛି। ଟିଟିଲାଗଡ ଆଦିବାସୀ ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଜେଡି ବିଶିଙ୍କୁ ରାଜ୍ୟ ସଭାକୁ ପଠାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛି ଆଦିବାସୀ କଲ୍ୟାଣ ସଂଘ। ଆଗାମୀ ଦିନରେ ଆଦିବାସୀଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଦିଲ୍ଲୀ ଦରବାରରେ ଲଢେଇ ଜାରି ରଖିବେ ବୋଲି ସମ୍ବର୍ଦ୍ଧନା ଉତ୍ତରରେ ବିଶି ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସଦଙ୍କୁ ସାଗତ କରାଯାଇଥିଲା। ସାଂସଦ ନିର୍ବାଚିତ ହେବା ପରେ ବିଶିଙ୍କ ଟିଟିଲାଗଡକୁ ପ୍ରଥମ ଗସ୍ତ ଅବସରରେ ଜିଲା ଆଦିବାସୀ ମହାସଂଘ ତରଫରୁ ଜୋରଦାର ସାଗତ ଜ୍ଞାପନ କରାଯାଇଥିଲା। ଟିଟିଲାଗଡ ଇଷ୍ଟଦେବୀ ମା ଘଣ୍ଟାସୁଣୀଙ୍କ ଦର୍ଶନ ପରେ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରୁ ଶତାଧିକ ଆଦିବାସୀ ସହର ପରିକ୍ରମା କରି ଆଦିବାସୀ ଭବନରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଆଦିବାସୀ ନେତା ପରମାନନ୍ଦ ମାଝି, ବାଳକୃଷ୍ଣ ଶବର, ଜିଲା ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ବ୍ଲକ ସଭାପତି ପଦ୍ମନ ପ୍ରାଧାନୀ,ସୁନିଲ ମାଝି, ସ୍ଥାନୀୟ ବ୍ୟବସାୟୀ ରମେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ଅଧକ୍ଷାଙ୍କ ସହ ପ୍ରଶାସନର ପାର୍ବତ୍ୟାଞ୍ଚଳ ଗସ୍ତ

**ଖଡ଼ିଆଳ,୩।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ଗ୍ରାମପଞ୍ଚାୟତ ପାର୍ବତ୍ୟା ସମାଡ଼ପଦର ଗ୍ରାମ ବ୍ଲକ ଅଧକ୍ଷାଙ୍କ ସହ ପ୍ରଶାସନ ଗସ୍ତ କରିଛନ୍ତି। ଏହି ଗ୍ରାମ ସମୁଦ୍ର ପତ୍ତନରୁ ଏକ ହଜାର ଫୁଟରେ ଅବସ୍ଥିତ ଅଟେ। ଗ୍ରାମବାସୀଙ୍କୁ ମୌଳିକ ସେବା ପ୍ରଦାନ ସହ ତାଙ୍କ ମୁହଁରେ ତାଙ୍କ ସମସ୍ୟା ଶୁଣି, ତାର ସମାଧାନର ବାଟ ଫିଟାଇବା ନେଇ ବ୍ଲକ ପ୍ରଶାସନ ଉପରୋକ୍ତ ଗ୍ରାମ ପରିଦର୍ଶନ କରିଥିଲେ। ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ପାଦରେ ଚାଲି ପାର୍ବତ୍ୟାଅଞ୍ଚଳ ସମାଡ଼ପଦର ଯାଇଥିଲେ। ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ଖଡ଼ିଆଳ ବିଧାୟକ ପ୍ରତିନୀଧି ଅକ୍ଷୟ ନନ୍ଦ, ବିଭାଗୀୟ ଯନ୍ତ୍ରୀ ପ୍ରଶାନ୍ତ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମରାଜ ମେହେର ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାମବାସୀ ଉପସ୍ଥିତ ରହି ନିଜ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ସହଯୋଗରେ ଗାଁକୁ ଯାନବାହନ ଚଳାଚଳ ହେଉଛି। ପାନୀୟ ଜଳ ସମସ୍ୟା, ସ ଉନ୍ନତିକରଣ, ସ ଦୁଇ ପାର୍ଶରେ ଡ୍ରେନ ନିର୍ମାଣ କରିବା ପାଇ ଦାବି କରିଥିଲେ। ସେହିପରି ଗ୍ରାମରେ ଥିବା ମିଶନଶକ୍ତି ଗୃହ ପରିଦର୍ଶନ କରିଛନ୍ତି।

## ପିଲାଙ୍କୁ ପଢ଼ାଇଲେ ପାଠ ଉପଜିଲାପାଳ



ଉପଜିଲାପାଳ ଶ୍ରେଣୀଗୃହରେ ପିଲାଙ୍କୁ ପାଠ ପଢାଉଛନ୍ତି।

**ଖପ୍ରାଖୋଲ,୩।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ନୋଡାଲ ଉଚ୍ଚବିଦ୍ୟାଳୟକୁ ଶନିବାର ଗସ୍ତ କରିଥିଲେ ପାଟଣାଗଡ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ। ଏହି ଅବସରରେ ବିଦ୍ୟାଳୟ ପରିବେଶ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ କୋଠରିରେ ବିଜ୍ଞାନ ପଢ଼ାଇଥିଲେ। ପିଲାମାନେ କିପରି ଭଲ ପାଠ ପଢିବେ, ଶିକ୍ଷକ କିପରି ଉଚ୍ଚସ୍ୱରରେ ପାଠ ପଢ଼ାଇଲେ ଶ୍ରେଣୀରେ ଥିବା ଶେଷଧାଡ଼ିରେ ଥିବା ପିଲା ଶୁଣି ପାରିବେ ସେ ନେଇ କହିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ବିଦ୍ୟାଳୟ ରୂପାନ୍ତରଣ ପରେ ମଧ୍ୟ କେତେକ ସ୍ଥାନରେ ମଇଳା ହୋଇଥିବାରୁ ଶିକ୍ଷକଙ୍କୁ ତାଗିଦ୍ କରିଥିଲେ। ଏହି ଗସ୍ତ ଅବସରରେ ପ୍ରଧାନଶିକ୍ଷକ ଇସପାଲ ସୁନା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଭୀମପାହାଡ଼ ପରିଦର୍ଶନ କଲେ ଜିଲାପାଳ, ଡିଏଫ୍‌ଓ



ଜିଲାପାଳ, ଡିଏଫଓ ଭୀମପାହାଡ ପରିଦର୍ଶନ କରୁଛନ୍ତି ।

**ଦେଓଗାଁ,୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମଡୁଙ୍ଗୁରୀସ୍ଥିତ ପର୍ଯ୍ୟଟନ ସ୍ଥଳୀ ଭୀମପାହାଡର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ତଦାରଖ କରିଛନ୍ତି ଜିଲାପାଳ ଓ ଜିଲା ବନଖଣ୍ଡ ଅଧିକାରୀ। ଜିଲାପାଳ ଚଞ୍ଚଳ ରାଣା ଓ ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ଭୀମପାହାଡ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାମର ତଦାରଖ କରିଥିଲେ। ବର୍ତ୍ତମାନ ଜଙ୍ଗଲ ବିଭାଗ ପକ୍ଷରୁ ଚାଲିଥିବା ନୂତନ ପାର୍କ ନିର୍ମାଣ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାମ ବୁଲି ଦେଖିଥିଲେ। ଏହାସହ ଭୀମପାହାଡ ନିକଟସ୍ଥ ଭୀମ କଟାରେ ଆରମ୍ଭ ହୋଇଥିବା ବୋଟିଂ ବ୍ୟବସ୍ଥାର ତଦାରଖ କରିଥିଲେ। ଆଗକୁ ଏଠାରେ ଏକ ହରିଣ ପାର୍କ ସ୍ଥାପନ ଓ ପାନୀୟ ଜଳର ବିଶେଷ ସୁବିଧା କରିବା ପାଇଁ ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ ଅନୁରୋଧ କରିଥିଲେ। ଭୀମପାହାଡକୁ ଲାଗି ରହିଥିବା କେତୋଟି ପୁରୁଣା ଗଛ ତଳେ ପିଣ୍ଡି ନିର୍ମାଣ ଦାବି ଉଠିଥିଲା । ଗସ୍ତ ସମୟରେ ସମିତି ସଭ୍ୟ ଅଭିମନ୍ୟୁ ମାଝି ଉପସ୍ଥିତ ଥିଲେ ।

## ଯାଦବ ସମାଜର ବିକାଶ ଉପରେ ଗୁରୁତ୍ୱ

**ଯାଦବ ସମାଜର ସାଧାରଣ ସଭା, ନୂତନ କର୍ମକର୍ତ୍ତା**

**ନୂଆପଡ଼ା ଅଫିସ,୩।୭**

ନୂଆପଡା ଜିଲାସ୍ତରୀୟ ଯାଦବ ସମାଜର ସାଧାରଣ ସଭା ଜିଲା ଯାଦବ ସମାଜ ଭବନଠାରେ ଅନୁଷ୍ଠିତ ହୋଇଛି। ସର୍ବସମ୍ମତି କ୍ରମେ ଜିଲାସ୍ତରୀୟ କାର୍ଯ୍ୟକାରୀ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବତନ ଜିଲା ସଭାପତି ହରେରାମ କଠାର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଯାଦବ ସମାଜ ଜିଲା ସଭାପତି କାର୍ତ୍ତିକ ବାଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ସଚିବ ଲମ୍ବୋଦର ନିଆଲ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଜିଲା ପୂର୍ବତନ ଉପ ସଭାପତି ଚଞ୍ଚଳ ଶଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ସଭରେ ଯାଦବ ସମାଜର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଭରତଲାଲ ରାଉତଙ୍କୁ ମନୋନୀତ କରାଯାଇଥିବା ବେଳେ ତ୍ରିନାଥ ପୁଞ୍ଜି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ବ୍ଲକ ସଭାପତି ଓ ସମ୍ପାଦକ ମନୋନୀତ କରାଯାଇଥିଲା। ନୂଆପଡା ବ୍ଲକ ସଭାପତି କୃଷ୍ଣ ଖର୍ସେଲ, ସମ୍ପାଦକ ଜୋହନ ନିଆଲ, କୋମନା ବ୍ଲକ ସଭାପତି ତାରାଚନ ଥପା, ସମ୍ପାଦକ ଯୋଗେନ୍ଦ୍ର ବାଗ, ଖଡିଆଳ ବ୍ଲକ ସଭାପତି କିର୍ତନ ପୋଡ, ସମ୍ପାଦକ ଜିତେନ୍ଦ୍ର ଗହିର, ବୋଡେନ ବ୍ଲକ ସଭାପତି ରାଜୁ ହେର୍ଣ୍ଣା, ସମ୍ପାଦକ ମାଧବ ବାଗ ଓ ସିନାପାଲି ବ୍ଲକ ସଭାପତି ଲିଙ୍ଗରାଜ ଘିବେଲା, ସମ୍ପାଦକ ହେମନ୍ତମଣି କଟାଙ୍କୁ ମନୋନୀତ କରାଯାଇଛି। ମନୋନୀତ କର୍ମକର୍ତ୍ତାମାନେ ଜିଲା ଓ ବ୍ଲକସ୍ତରରେ ସମାଜର ବିକାଶ ପାଇଁ କାର୍ଯ୍ୟ କରବେ ଏବଂ ପଞ୍ଚାୟତସ୍ତରକୁ ପ୍ରେରଣା ଦେବେ ବୋଲି ମତବ୍ୟକ୍ତ କରିଛନ୍ତି।



ନୂତନ ସଭାପତିଙ୍କ ଗହଣରେ ଯାଦବ ସମାଜ ବୃନ୍ଦ।

## ମତ୍ସ୍ୟ ଓ କଚ୍ଛପ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି

**ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ରଥଯାତ୍ରା ଗଣପର୍ବ ଭାବେ ପାଳନ ହୋଇ ଆସୁଥିବା ବେଳେ ଚତୁର୍ଦ୍ଧା ମୂର୍ତ୍ତି ଏବେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଉଛନ୍ତି। ଶ୍ରୀ ଜୀଉ ରବିବାର ଦିନ ମତ୍ସ୍ୟ ଓ କଚ୍ଛପ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଠାକୁରଙ୍କ ଭୋଗ ଲାଗି ହେବା ପରେ ବେଶକାରୀମାନେ ଠାକୁରଙ୍କ ବେଶ କରାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଗୁଣ୍ଡିଚା ମନ୍ଦିର ପରିସରରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ଏପଟେ ଷ୍ଟାଡିୟମ ପଡିଆରେ ମୀନାବଜାର ପଡିଥିବାରୁ ଲୋକମାନେ ବୁଲି ମଜା ଉଠାଉଥିଲେ।



ସୋନପୁର ଗୁଣ୍ଡିଚା ମନ୍ଦିରରେ ରବିବାର ତିନି ଠାକୁରଙ୍କ ବରାହ ନୃସିଂହ ବେଶ ଓ ବୃନ୍ଦାବନ ବିହାରୀ ମନ୍ଦିରରେ ଜଗନ୍ନାଥଙ୍କ ବରାହ ନୃସିଂହ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।


ବୌଦ୍ଧ: ମତ୍ସ୍ୟ ଓ କଚ୍ଛପ ବେଶରେ ଶ୍ରୀଜୀଉ।

## ସଂକ୍ଷେପରେ

### ନୃସିଂହନାଥରେ ଜିଲାସ୍ତରୀୟ ବେଦ ମହୋତ୍ସବ

**ପାଇକମାଳ,୩।୭(ଡି.ଏନ.ଏ):** ବରଗଡ ଜିଲା ନୃସିଂହନାଥଠାରେ ଜିଲାସ୍ତରୀୟ ବେଦ ମହୋତ୍ସବ ପଦ୍ମପୁର ସତ୍ୟସାଇ ସେବା ସମିତି ଓ ପାଇକମାଳ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ବରଗଡ ଜିଲାର ବରଗଡ, ଅତାବିରା, ବରପାଲି, ରେମତା, ଆଗଲପୁର ଓ ପଦ୍ମପୁର ସମିତିର ଭଜନ ମଣ୍ଡଳୀ ଯୋଗଦାନ କରିଥିଲେ। ଏଥିରେ ରାଜ୍ୟ ବେଦ ସଂଯୋଜକ ଡା. ବିଭୁଦତ୍ତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଦର କାର୍ଯ୍ୟକାରିତା ଉପରେ ବୁଝାଇଥିଲା। ସୋନପୁରର ଗୁଣନିଧି ପାତ୍ର, ବରଗଡ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ପଣ୍ଡା, ଜିଲା ସଭାପତି ଭୁବନେଶ୍ୱର ସାହୁ, ପୂର୍ବତନ ସଭାପତି ବିନୟ ବାରିକ, ଡା. ନିସିକ ମହାପାତ୍ର ପ୍ରମୁଖ ବେଦ ଉପରେ ଚର୍ଚ୍ଚା କରିଥିଲେ। ମାଣ୍ଡୋସିଲ ଭଜନ ମଣ୍ଡଳୀର ଅରୁଣା ସାହୁ, ସରତ ହଂସ, ପାଇକମାଳ ଭଜନ ମଣ୍ଡଳୀ ସଂଯୋଜକ ଲକ୍ଷ୍ମଣ ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ସତ୍ୟନାରାୟଣ ବେହେରା, ନନ୍ଦ କିଶୋର ଶ୍ରୀବାସ୍ତବ, ଝାରବନ୍ଧର ଜାଜ୍ଞସେନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ପଦ୍ମପୁର ସମିତି ସଂଯୋଜକ ପବିତ୍ର ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ରହ୍ମାକୁମାରୀ ଆଶ୍ରମରେ ଶିଶୁ ଶିବିର

**ବରପାଲି,୩।୭(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ରହ୍ମାକୁମାରୀ ଆଶ୍ରମଠାରେ ଶିଶୁମାନଙ୍କ ବୌଦ୍ଧିକ ବିକାଶ ଓ ଚରିତ୍ର ନିର୍ମାଣ ପାଇଁ ବ୍ରହ୍ମକୁମାରୀ ଗୌରୀଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ଆଜିର ଶିଶୁ ଭବିଷ୍ୟତର ନାଗରିକ। ଶିଶୁମାନଙ୍କ ଅନ୍ତର୍ନିହିତ ବିକାଶ, ଚରିତ୍ର ନିର୍ମାଣରେ ହିଁ ନୂତନ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ବ୍ରହ୍ମକୁମାରୀ ଗୌର ମତ ଦେଇଥିଲେ। ଏଥିରେ ବରପାଲି ବିଡିଓ ତ୍ରିବିକ୍ରମ କୁମୁରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ଡ଼ିଭାଇନ ଏଞ୍ଜେଲ କିଡ୍ସ କ୍ୟାମ୍ପରେ ବରପାଲି ଅଞ୍ଚଳର ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାର ଛାତ୍ରୀଛାତ୍ରମାନଙ୍କୁ ନେଇ ରଚନା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଗଲା। ସୁରେନ୍ଦ୍ର ଭାଇ ସହଯୋଗୀ କରିଥିବା ବେଳେ ଝିଲି ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଷା ମେଳା, ବହି ହାଟ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୩।୭:** ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁରେ ରବିବାର ପିଲାଙ୍କ ଭାଷା ଶିକ୍ଷାର ଦକ୍ଷତା ଉଦ୍ଦେଶ୍ୟରେ ଭାଷାମେଳା, ବହିହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତଙ୍ଗ ଅନୁଷ୍ଠାନ ଏବଂ ସ୍ଥାନୀୟ ଯୁବଗୋଷ୍ଠୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ପିଲାମାନେ ନିଜ ତିଆରି ଶିକ୍ଷଣୀୟ ସାମଗ୍ରୀ, ଚିତ୍ରକାର୍ଡ଼, ଫଳ, ଫୁଲ, ବିଭିନ୍ନ ବହି ଷ୍ଟଲରେ ରଖିଥିଲେ। ଗ୍ରାମର ପିଲାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଭାବକମାନେ ସେଠାରେ ଉପସ୍ଥିତ ରହି ସହଯୋଗ କରିବା ସହିତ ପିଲାମାନଙ୍କୁ କାହାଣୀ ମାଧମରେ ନାନା ପରାମର୍ଶ ଦେଇଥିଲେ।

# ଦୋକାନ ଉଚ୍ଛେଦ, ପଲିଥିନ ତଳେ ଜୀବିକା

**ବରଗଡ଼ ଅଫିସ୍,୩।୭**

ବିକାଶ ଆଳରେ ଉଚ୍ଛେଦ କରାଯାଉଛି। ହେଲେ ଉଚ୍ଛେଦ ସମୟରେ ପ୍ରଶାସନ ଥଇଥାନ କଥା ଭୁଲିଯାଉଛି। ଫଳରେ ଗରିବ ଲୋକଙ୍କୁ ଦୁର୍ବିସହ ଜୀବନ ଅତିବାହିତ କରିବାକୁ ପଡୁଛି। ବରଗଡ଼ ସହର ଘରୋଇ ବସ୍‌ଷ୍ଟାଣ୍ଡରେ ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି। ଉଚ୍ଛେଦ ଯୋଗୁ ନିଜ ପୁରୁଣା ଦୋକାନ ହରାଇବା ପରେ ଦୁଇ ଭାଇ ପଲିଥିନ ତଳେ ଜୀବିକା ନିର୍ବାହ କରୁଥିବା ଦେଖିବାକୁ ମିଳିଛି।

ଭ୍ରମର ବାରିକ(୬୦) ଏବଂ ଭାଗିରଥି ବାରିକ(୫୫) ଦୁଇ ଭାଇ। ପ୍ରାୟ ୪୦ ବର୍ଷ ତଳୁ ସେମାନେ ନିଜ ସପରିବାର ବରଗଡ଼ ସହରକୁ ଆସିଥିଲେ। ସେମାନେ ବାରିକ ଶ୍ରେଣୀର। ଉକ୍ତ ଦୁଇଭାଇଙ୍କ ବାପା ଦଣ୍ଡପାଣି ବରଗଡ଼ ସହରକୁ ଆସିବା ଦିନଠାରୁ ଘରୋଇ ବସ୍‌ଷ୍ଟାଣ୍ଡ ପାଖରେ ଏକ ଛୋଟ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ପରିଣତ ବୟସରେ ଦଣ୍ଡପାଣି ଆଉ କାମ କରି ପାରି ନ ଥିଲେ। ଅନ୍ୟପକ୍ଷେ ୨ପୁଅ ଭ୍ରମର, ଭାଗିରଥି ସେହି ଦୋକାନରେ କାମ କରୁଥିଲେ। ମାତ୍ର ନୂତନ ଘରୋଇ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ସେମାନଙ୍କ ଦୋକାନକୁ ଉଚ୍ଛେଦ କରାଯାଇଛି। ଏହାପରେ ପଲିଥିନ ତଳେ ସେମାନେ ଜୀବିକାକୁ ଆଦରି ନେଇଛନ୍ତି। ତେବେ ଉଚ୍ଛେଦ ପରଠାରୁ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡ଼ିଥିବା ସେମାନେ କହିଛନ୍ତି। ଦୋକାନ ଉଠିଯିବା ପରେ ନୂତନ ଘରୋଇ ବସ୍‌ଷ୍ଟାଣ୍ଡରେ ଦୋକାନଟିଏ ମିଳିବ ବୋଲି ସେମାନେ ଆଶା କରିଥିଲେ। ହେଲେ ଶେଷରେ ସେଥିରୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଫଳରେ ପଲିଥିନ ତଳେ ନିଜ ଜୀବିକାକୁ ଆଦରି ନେଇ ପରିବାର ପୋଷଣ କରୁଥିବା ସେମାନେ କହିଛନ୍ତି। ସେମାନଙ୍କୁ ଦୋକାନ ଗୃହଟିଏ ଯୋଗାଇ ଦେଲେ ଦୁଃଖ ଲାଘବ ହେବ ବୋଲି ଉଭୟ ଭାଇ ଆଶା ରଖିଛନ୍ତି।


ପଲିଥିନ ତଳେ ୨ଭାଇଙ୍କ ଜୀବିକା।

# ସୋନପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ


ଅଧ୍ୟାପକ ଆଶିଷ କୁମାର ଅଗ୍ରୱାଲଙ୍କ ପୁସ୍ତକ ସୂଚନା ପ୍ରଯୁକ୍ତି ବିଜ୍ଞାନକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି।

**ସୋନପୁର,୩।୭(ନି.ପ୍ର.)**

ସୋନପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଯୋଗଦେଇ ପ୍ରତିଷ୍ଠା ଦିବସକୁ ଏକ ସଙ୍କଳ୍ପ ଦିବସଭାବେ ଅଭିହିତ କରି ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୁକ୍ତ +୩ କଳା ଓ ବିଜ୍ଞାନ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଜ୍ୟୋତିର୍ମୟୀ ବାରିକ୍(ଓଡିଆ ସମ୍ମାନ), ଛାତ୍ର ଝସକେତନ ପ୍ରଧାନ(କମ୍ପ୍ୟୁଟର ବିଜ୍ଞାନ), ଛାତ୍ରୀ ସ୍ୱର୍ଣ୍ଣଲିକା ମାହାଣା(କମ୍ପ୍ୟୁଟର ବିଜ୍ଞାନ), ସୋନାଲି ସାହା(ରସାୟନ ବିଜ୍ଞାନ), ଜଗିଲ ମହାନନ୍ଦିଆ ଓ କୁନା ବଣ୍ଡକି(ସଂସ୍କୃତ), ଆଶୁତୋଷ ବଗ୍ତିଆ(ପଦାର୍ଥ ବିଜ୍ଞାନ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଝସକେତନ ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ଗ୍ରାଜୁଏଟ ଭାବେ ସ୍ୱର୍ଗତ ଶ୍ୟାମସୁନ୍ଦର ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଆଶିଷ କୁମାର ଅଗ୍ରୱାଲଙ୍କ ପୁସ୍ତକ ସୂଚନା ପ୍ରଯୁକ୍ତି ବିଜ୍ଞାନକୁ ମୁଖ୍ୟ ଅତିଥି ଦାଶ ଏହି ଅବସରରେ ଉନ୍ମୋଚନ କରିଥିଲେ। ଅଧ୍ୟାପକ ଡକ୍ଟର ସୌରଭ ରଞ୍ଜନ ଖମାରୀ ସଭା ସଂଯୋଜନା, ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ହୋତା ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପିପିଲିପାଲି, ସୁବର୍ଣ୍ଣମେରୁ ରାସ୍ତାପାର୍ଶ୍ୱରେ ଚାରାରୋପଣ


ପିପିଲିପାଲି ଆଦର୍ଶ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

**ସୋନପୁର,୩।୭(ନି.ପ୍ର.)**

ସବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ବନମହୋତ୍ସବ ଉପଲକ୍ଷେ ରବିବାର ସାମୂହିକ ଚାରାରୋପଣ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶତାଧିକ ଚାରାରୋପଣ କରାଯାଇଛି। ଅତିରିକ୍ତ ଜିଲା ଜଜ୍ ପୂର୍ଣ୍ଣିମା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ ପ୍ରଜ୍ଞା ପାଣିଗ୍ରାହୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ମିଶ୍ର, ଏସଡିଜେଏମ ସୁନିତା ରାଉତ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ ମହାକୁର, ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ ଧରୁଆ, ବନପାଳ ଦେବରାଜ ଛତ୍ରିଆ, ବନରକ୍ଷୀ ସୁଜ୍ଞାନୀ ମିଶ୍ର, ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ, ପାରାଲିଗାଲ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ରଣା, ପ୍ରମିଳା ବାଘ, ହାଡିବନ୍ଧୁ ଖମାରୀ ପ୍ରମୁଖ ଯୋଗଦାନ କରି ବୃକ୍ଷରୋପଣ କରିଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ସୁବର୍ଣ୍ଣମେରୁ ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ପ୍ରାକ୍ତନ ପୌରାଧକ୍ଷ ପ୍ରକାଶ ସାହୁ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ସ୍ନେହା, ବ୍ରହ୍ମକୁମାର ଜଗନ୍ନାଥ ଦାସ, ପଦ୍ମନାଭ ଭୋଇ ଓ ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୁବର୍ଣ୍ଣପୁର ସାରା ଦେଶରେ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିବା ବେଳେ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲର ସୁରକ୍ଷା ଉପରେ ଅତିଥି ବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ଆମ୍ବ, ଜାମ, ଫାସି, ନିମ୍ବ ଓ କରଞ୍ଜ ଆଦି ଚାରା ରୋପଣ କରାଯାଇଥିଲା।

# ୩୫ଲିଟର ମଦ ଜବତ, ୨ଗିରଫ

**ଉଲୁଣ୍ଡା, ୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ଏବଂ ପୋଲିସ ପକ୍ଷରୁ ରବିବାର ଦୁଇ ପୃଥକ ସ୍ଥାନରେ ଚଢାଉ କରାଯାଇ ୩୫ଲିଟର ମଦ ଜବତ କରାଯାଇଛି। ମଦ କାରବାର କରୁଥିବା ୨ଜଣଙ୍କୁ ଗିରଫ କରାଯାଇଛି। ଅଇଁଲାଛାଟ– କୁଡାପଡା ରାସ୍ତାଦେଇ ମଦ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢାଉ କରିଥିଲା। ସେହି ସମୟରେ ଉକ୍ତ ରାସ୍ତାଦେଇ ଯାଉଥିବା ନେପାଳ ମିଞ୍ଜଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ପାଖରୁ ୧୦ ଲିଟର ମଦ ମିଳିଥିଲା। ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେହିପରି ଅଇଁଲାଛାଟ ଛକ ନିକଟରେ ଚଢାଉ କରାଯାଇ ଗୋଟିଏ ବାଇକ ସହ ୨୫ଲିଟର ମଦ ଜବତ କରାଯାଇଛି। ଅଭିଯୁକ୍ତ ସୁବ୍ରତ ଭୋଇଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ୨ଟି ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଶନିବାର ରାତିରେ କପାଶିରା ଗ୍ରାମ ରାସ୍ତାରେ ମଦ ବିକ୍ରୀ ହେଉଥିବା ଖବର ପାଇ ଉଲୁଣ୍ଡା ପୋଲିସ ଚଢାଉ କରିଥିଲା। ଚଢାଉ ସମୟରେ ଉକ୍ତ ସ୍ଥାନରୁ ୨୫ ଲିଟର ମଦ ଜବତ କରିବା ସହିତ କାର୍ତ୍ତିକ ବଗର୍ତ୍ତାଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

# ଅଗଷ୍ଟରେ ବୌଦ୍ଧର ସମସ୍ୟା ନେଇ ହେବ ଛାତ୍ର ସମାବେଶ

**ବୌଦ୍ଧ,୩।୭(ସ୍ୱ.ପ୍ର.)**

**ଅଖିଳ ଭାରତୀୟ ଯୁବ ସଂଘ ବୌଦ୍ଧ କମିଟିର ବୈଠକ**

ଅଖିଳ ଭାରତୀୟ ଯୁବ ସଂଘ ବୌଦ୍ଧ ଜିଲା କମିଟି ପକ୍ଷରୁ ଏକ ବୈଠକ ରବିବାର କମିଟିର ସଭାପତି ଜୟନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛତରଙ୍ଗଠାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ରାଜ୍ୟ ବଜେଟରେ ଯୁବକମାନଙ୍କ ପାଇଁ କୌଣସି ନୂତନ ନିଯୁକ୍ତିର ସୁଯୋଗ ନ ଥିବାରୁ କ୍ଷୋଭ ପ୍ରକାଶ ପାଇବା ସହ ବଜେଟକୁ ନିନ୍ଦା କରାଯାଇଥିଲା। ବୈଠକରେ ମୁଖ୍ୟତଃ ବୌଦ୍ଧ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୌଦ୍ଧ ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଜିଲାରେ ଏକ କୃଷି ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ଓ ବୌଦ୍ଧକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରିବା ନେଇ ଦାବି ହୋଇଥିଲା। ବିଭିନ୍ନ ସମସ୍ୟା ନେଇ ଆସନ୍ତା ଅଗଷ୍ଟ ମାସରେ ଜିଲାର ସମସ୍ତ ଯୁବ ଓ ଛାତ୍ରଙ୍କୁ ନେଇ ଏକ ସମାବେଶ କରି ଲଢେଇ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ମହାନଦୀର ଜଳ ପ୍ରଥମେ ବୌଦ୍ଧ ଜିଲାବାସୀଙ୍କ ପିଇବା ଓ ଚାଷ କାର୍ଯ୍ୟରେ ବିନିଯୋଗ ପରେ ବାହାର ଜିଲାକୁ ଦିଆଯାଉ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏଆଇୱାଇଏଫର ଜାତୀୟ ଉପସଭାପତି ଅବକାଶ ସାହୁ, ପ୍ରଦୀପ ସାହୁ, ହୃଦାନନ୍ଦ ଦେହୁରୀ,ମଳୟ ପ୍ରଧାନ, ତପନ ବେହେରା, ଜ୍ୟୋତିରଞ୍ଜନ ବେହେରା, ପ୍ରତାପ ସାହୁ, ହିରଣ୍ୟ ଦୀପ, ଆକାଶ ମାଝୀ, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଶିବିରରେ ୧୫ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ତରଭା, ୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ମାରୱାଡି ଧର୍ମଶାଳାରେ ମାହେଶ୍ୱରୀ ସୋସିଓ ୱେଲଫେୟାର ଓ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ମିଳିତ ଆନୁକୂଲ୍ୟ ଓ ମାରୱାଡି ଯୁବାମଞ୍ଚ ସହଯୋଗରେ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପଜିଲାପାଳ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର ଅଲେଖ ଚରଣ ସାହୁ, କଲେଜ ଅଧକ୍ଷା ମିନତୀ ମିଶ୍ର, ବ୍ଲକ ଅଧକ୍ଷ ସରୋଜ କମ୍ପ, ଏନଏସି ଅଧକ୍ଷା ବନ୍ଦିତା ନାଏକ, ସଂଗଠନ ଉପଦେଷ୍ଟା ଲୋଟସ ଷଡ଼ଙ୍ଗୀ, ଦିନେଶ ଶର୍ମା, ବ୍ୟାସଦେବ ନନ୍ଦ, ଲଳିତ ସାହୁ, ମାରୱାଡି ଯୁବମାଞ୍ଚର ଶୋଭନ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ ଉପସ୍ଥିତ ଥିଲେ। ସଭାରେ ଅଧକ୍ଷତା କରିଥିଲେ ମାହେଶ୍ୱରୀ ସଂଗଠନର ମୁଖ୍ୟ ଅଙ୍କୁଶ ପାଣ୍ଡିଆ। ଏଥିରେ ବିକାଶ ମେଡିକାଲ ଗ୍ରୁପର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ. ବିସ୍ମୟ ଷଡ଼ଙ୍ଗୀ, ଚର୍ମରୋଗ ବିଭାଗର ଡ଼. ଆଶିଷ କୁମାର ନାୟକ, ସର୍ଜରୀ ଡ. ବୀରେନ୍ଦ୍ର କୁମାର ଗଡ଼ତ୍ୟା, ଶିଶୁରୋଗ ଡ଼. ଗୌତମ.ଭି, ଭେଷଜ ଡ. ରବି. ଜି. ଏନ, ମୂତ୍ରରୋଗ ଶୋଭନ ହୋତା, ଇଏନଟି ଓ ଚକ୍ଷୁରୋଗ ବିଶେଷଜ୍ଞ ରାଜେଶ ଷଡ଼ଙ୍ଗୀ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଶିବିରରେ ୧୫ଶହରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମାନଭଞ୍ଜନ ମିଶ୍ର ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।


ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି।

# ଶିକ୍ଷାଦାନ ଶୈଳୀରେ ବିକାଶକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୩।୭**

ବରଗଡ଼ ସ୍ଥିତ ବିକାଶ ଅଣ୍ଡର ଗ୍ରାଜୁଏଟ୍ କ୍ୟାମ୍ପସରେ ଶନିବାର ଫାକଲ୍ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ଷ୍ଟେଟ୍ ଓପନ୍ ୟୁନିଭର୍ସିଟିର କୁଳପତି ପ୍ରଫେସର ଏ. କେ. ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପରିବର୍ତ୍ତିତ ସମୟାନୁସାରେ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଧ୍ୟାପିକା, ଅଧ୍ୟାପକଙ୍କ ଶିକ୍ଷାଦାନ ଶୈଳୀରେ ଗୁଣାତ୍ମକ, ବୈଷୟିକ ବିକାଶ ଉପରେ ମୁଖ୍ୟ ଅତିଥି ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଅନୁଷ୍ଠାନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ସେ ଆଶାପୋଷଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡଃ ନୃପରାଜ ସାହୁ ଅନ୍ୟତମ ବକ୍ତା ଭାବେ ଯୋଗଦାନ କରି ରୋଡ୍‌ମ୍ୟାପ୍ ଫର୍ ହାୟର ଏଡୁକେଶନ ୱିଦିନ ଦି ଫ୍ରେମ୍‌ୱାର୍କ ଅଫ୍ ଏନଇପି ପ୍ରସଙ୍ଗରେ ନିଜ ବକ୍ତବ୍ୟ ରଖିଥିଲେ। ରାୟଗଡ଼ର ଓ.ପି. ଜିନ୍ଦଲ ୟୁନିଭର୍ସିଟିର ଡିନ୍ ଡଃ ଶେଷଦେବ ନାୟକ ଇନୋଭେଟିଭ ମେଥଡସ୍ ଫର୍ ଏନଗେଜିଂ ଷ୍ଟୁଡେଣ୍ଟସ୍ ଫର୍ କ୍ଲାସରୁମ ଲର୍ଣ୍ଣିଂ ଏବଂ କ୍ରିଏଟିଭ୍ ଥିଙ୍କିଂ ଆଣ୍ଡ ପ୍ରୋବ୍ଲେମ୍ ସଲ୍‌ଭିଂ ଶୀର୍ଷକ ଆଲୋଚନା କରିଥିଲେ। ବୁର୍ଲା ଭିଏସ୍‌ଏସ୍‌ୟୁଟିର ପ୍ରଫେସର ଡଃ ଏସ. କେ. ସ୍ୱାଇଁ ଡେଭଲପମେଣ୍ଟ ଅଫ ରିସର୍ଚ୍ଚ ଆଣ୍ଡ ଇନୋଭେସନ ଇକୋ ସିଷ୍ଟମ ଇନ ହାୟର୍ ଏଡୁକେଶନ୍ର ବିଷୟ ଉପରେ ଆଲୋଚନା କରି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଗବେଷଣା ପ୍ରତି ଉତ୍ସାହିତ କରିଥିଲେ। କାର୍ଯ୍ୟମରେ ବିକାଶ ଗ୍ରୁପ୍ ବରଗଡ଼ ଓ ଭବାନୀପାଟଣା କ୍ୟାମ୍ପସ୍‌ରୁ ୧୨୦ଜଣ ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥିଲେ। ଡାଇରେକ୍ଟର (ଆଡମିନିଷ୍ଟ୍ରେଶନ) ଡି. ବିବେକ, ଏକାଡ଼େମିକ୍ସ ଡାଇରେକ୍ଟର ଜି. ରାମକ୍ରୀଷ୍ଣାଙ୍କ ସମେତ ବିକାଶ ଗ୍ରୁପ୍ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଉପସ୍ଥିତ ଥିଲେ। ଭବାନୀପାଟଣା କ୍ୟାମ୍ପସର ଡାଇରେକ୍ଟର ଦାଶରୀ ରାମ ଧନ୍ୟବାଦ ଅର୍ପଣ କରିଥିଲେ।


ବିକାଶରେ ଫାକଲ୍ଟି ଡେଭଲପ୍‌ମେଣ୍ଟ କାର୍ଯ୍ୟକ୍ରମ।

### ଜଗନ୍ନାଥ ଗୋଷ୍ଠୀ ଗୃହ ଉଦ୍‌ଘାଟିତ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମ ପଞ୍ଚାୟତର କୁଶୁମାଲ ଗ୍ରାମଠାରେ ନବ ନିର୍ମିତ ଜଗନ୍ନାଥ ଗୋଷ୍ଠୀ ଗୃହ ଉଦଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୨ ଲକ୍ଷରେ ନିର୍ମାଣ ଗୋଷ୍ଠୀ ଗୃହ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ତନୟା ଶବର, ମଞ୍ଜୁଳା ଶବର, ଅମିତ ସିଂ ଦେଓ, ଭୋଲା ନାଗ, ରଖିରାମ ସଲମା, କମିଟି ସଦସ୍ୟ ଅକାଲୁ ବାଗ, ପଦ୍ମଲୋଚନ ପୋଡ, ରେଣୁଧର ଗହିର ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଚିଚିଆ ଗ୍ରାମ ଚୋରି ଘଟଣାରେ ୩ କୋର୍ଟ ଚାଲାଣ

**ଗୋଲାମୁଣ୍ଡା,୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଚିଚିଆ ଗ୍ରାମରେ ଘଟିଥିବା ଏକ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନବରଙ୍ଗପୁର ଜିଲା ବନ୍ଦୋଗୁଡା ଗ୍ରାମର ଦିଲୀପ ବାଗ, ଉସିଜାନିଗୁଡା ଗ୍ରାମର ଉଦ୍ଧବ ହରିଜନ ଓ ହିରଲୀ ଗ୍ରାମର ଗୋବର୍ଦ୍ଧନ ହରିଜନ। ପୋଲିସ ସେମାନଙ୍କଠାରୁ ଏକ ହିରୋ ଏଚଏଫ ଡିଲକ୍ସ, ୩ଟି ମୋବାଇଲ ଓ ନଗଦ ୨୦୮୦ ଟଙ୍କା ଜବତ କରିଥିବା କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଏକ ପ୍ରେସ ନୋଟ ଯୋଗେ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଚିଚିଆ ଗ୍ରାମର ସଂଯୁକ୍ତା ସରାଫଙ୍କ ଘରୁ ଗତ ୨୨ ତାରିଖ ଚୋରି ହୋଇଥିଲା। ଏ ନେଇ ସଂଯୁକ୍ତା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଶନିବାର ଚିଚିଆ ଗ୍ରାମର ଲୋକେ ଏହି ଅଞ୍ଚଳରେ ଚୋରି ବଢୁଥିବା ଯୋଗୁ କଳାହାଣ୍ଡି ଏସ୍‌ପିଙ୍କଠାରେ ଫେରାଦ୍ ହୋଇଥିଲେ।

### ବାର୍‌ହା ଆକ୍ରମଣରେ ୨ ଆହତ

**ଖଡ଼ିଆଳ,୩।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ପଞ୍ଚାୟତର ଖାଲିଆମୁଡ଼ା ଗ୍ରାମରେ ବାର୍‌ହା ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର କ୍ଷୀର ମୋହନ ନିଆଲ (୩୫) ଓ ଜଗବନ୍ଧୁ ପୋଡ (୪୬)। ରବିବାର ସକାଳେ ନିଜ ଜମିରେ ଜଗବନ୍ଧୁ ଓ କ୍ଷୀର ମୋହନ ଧାନ ବୁଣୁଥିବା ବେଳେ ସେମାନଙ୍କୁ ବାର୍‌ହା ଆକ୍ରମଣ କରିଛି। ସେମାନଙ୍କ ଜଙ୍ଘ ଓ ଆଣ୍ଠୁରେ ଗଭୀର କ୍ଷତ ଲାଗିଛି। ଦୁଇ ଆହତ ବ୍ୟକ୍ତିଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ଜଙ୍ଗଲ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

### ବନ ମହୋତ୍ସବ ସପ୍ତାହ ପାଳିତ

**ନୂଆପଡ଼ା ଅଫିସ,୩।୭:** ନୂଆପଡା ଜିଲା ଆଇନ ପ୍ରାଧିକରଣ ସହାୟତାରେ ବନ ମହୋତ୍ସବ ସପ୍ତାହ ଲୁକୁପାଲି ଗ୍ରାମଠାରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜୁଲାଇ ପ୍ରଥମ ସପ୍ତାହରେ ପରିବେଶ ସୁରକ୍ଷା ପାଇଁ ବନମହୋତ୍ସବ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଯୋଗଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସସ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ଓ ବନବିଭାଗ ମିଳିତ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାର ବିଭାଗୀୟ ମାଜଷ୍ଟ୍ରେଟ ସୋମ୍ୟା ଶୁଭଦର୍ଶନୀ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସନ୍ତୋଷ ପାଣିଗ୍ରାହୀ, ମହିଳା ଅଦାଲତ ବିଚାରପତି ସୁନିତା ପଟ୍ଟନାୟକ,ଏସଡିଜିଏମ କୋର୍ଟ ନୂଆପଡା ଅନୁସିଲା ରାୟ ଓ ଲୁକୁପାଲି ଗ୍ରାମବାସୀ ସହଯୋଗ କରିଥିଲେ।

### ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ଆଲୋଚନାଚକ୍ର

**ଭବାନୀପାଟଣା,୩।୭(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଓ ଆଲୋଚନାଚକ୍ର ସେବା ଓ ସେବକ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିବେକ ସେନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ନିଃସ୍ୱାର୍ଥପର ଭାବେ ଜୀବନର ଶେଷ ନିଶ୍ୱାସ ଯାଏଁ ଅନବରତ ଲୋକଙ୍କ ପାଇଁ କାମ କରୁଥିଲେ। ସେବାର ଅନ୍ୟ ନାମ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବୋଲି ସ୍ଥାନୀୟ ବିବେକ କନଫେରେନ୍ସ ହଲଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧ ଦିବସରେ ଆୟୋଜିତ ଆଲୋଚନାଚକ୍ର ସେବା ଓ ସେବକ ଡିପିଏମ, ପ୍ରଶାନ୍ତ କୁମାର ମିଶ୍ର, ଓଏଲଏମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ବିବେକ ସେନା ପ୍ରତିଷ୍ଠାତା ଶିବରାମ ନାୟକ, ସାମାଜିକ କର୍ମୀ ବିବେକ ସେନା ଭବାନୀପାଟଣା ବ୍ଲକ ମୁଖ୍ୟ ନବୀନ କୁମାର ସା, ସାମାଜିକ କର୍ମୀ ସୁମିତ ଶତପଥୀ, ଆଇନଜୀବୀ ସୁମିତ କୁମାର ରାଉତ, ବିଜୟ କୁମାର ଦ୍ୱିବେଦୀ, କିସର ଜିଲା ସଂଯୋଜକ ଦୁଷ୍ମନ୍ତ କୁମାର ପ୍ରଧାନ ସମ୍ମାନିତ ଭାବେ ଯୋଗଦେଇଥିଲେ। ବିବେକ ସେନା ନର୍ଲା ବ୍ଲକ ବିବେକ ସେନା ସଭାପତି ମୋହନ କୁମାର ଭଟ ସଭା ପରିଚାଳନା କରିଥିଲା ବେଳେ ଶିକ୍ଷାବିତ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପରେ ସଭା ଆରମ୍ଭ କରାଯାଇଥିଲା।

# ସବ୍‌ରେଜିଷ୍ଟ୍ରି ଅଫିସକୁ ଡକ୍ୟୁମେଣ୍ଟ ମାଗିଲା ପୋଲିସ

**ବଲାଙ୍ଗୀର ଅଫିସ, ୩।୭**

**ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା**

- ଆଧାର ଲିଙ୍କେଜ୍, ଡକ୍ୟୁମେଣ୍ଟ ଭେରିଫିକେସନ୍ ଫେଲ୍‌ର ରହସ୍ୟ
- କ୍ରେତା-ବିକ୍ରେତାଙ୍କୁ ଅନୁକମ୍ପା ଦେଖାଇଥିଲେ ସବ୍‌ରେଜିଷ୍ଟ୍ରାର, ତହସିଲଦାର

ଧୁମାମରା ଗ୍ରାମର ମୃତ ବ୍ୟକ୍ତି ହର୍ଷ ଷାଣ୍ଡଙ୍କ ନାଁରେ ଜମିବିକ୍ରି ଘଟଣା ଏବଂ ଏଥିରେ ବଲାଙ୍ଗୀର ତହସିଲଦାର ମଘବନ ବାଗଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ସଦର ଥାନା ପୋଲିସ ମାମଲା (୨୯୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତ ପାଇଁ ଘଟଣାର ସମସ୍ତ ସମ୍ପର୍କିତ ଡକ୍ୟୁମେଣ୍ଟ ବଲାଙ୍ଗୀର ସବ୍‌ରେଜିଷ୍ଟ୍ରି ଅଫିସକୁ ମାଗିଛି। ସବରେଜିଷ୍ଟ୍ରି ଅଫିସ ପକ୍ଷରୁ କିଛି ଡକ୍ୟୁମେଣ୍ଟ ଆଣି ସଦର ଥାନାରେ ଦିଆଯାଇଥିଲା। ତେବେ ଏହି ମାମଲାର ସମ୍ପୂର୍ଣ୍ଣ ଦଲିଲ ଅଣାଯାଇ ନ ଥିବାରୁ ଏହା ଶୀଘ୍ର ଆଣି ଦାଖଲ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଏହି ଡକ୍ୟୁମେଣ୍ଟ ଆଣିଲେ ଏହାର ଭେରିଫିକେଶନ୍ କରାଯାଇ ତଦନ୍ତ ତ୍ୱରାନ୍ୱିତ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

ଧୁମାମରା ଗ୍ରାମର ହର୍ଷ ଷାଣ୍ଡଙ୍କ ୨୦୦୫ ମସିହାରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ମାସରେ ତାଙ୍କ ନାଁରେ ଥିବା ଜମିରୁ ପ୍ରଥମେ ୫୦ଡିସମିଲ ଏବଂ ପରେ ୧ଏକର୫୦ ଡିସିମିଲ ଜମି ହଡପ୍ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ନାଁରେ ଯେଉଁ ବୃଦ୍ଧ ବ୍ୟକ୍ତିଙ୍କୁ ସବ୍‌ରେଜିଷ୍ଟ୍ରାର ଅଫିସରେ ହାଜର କରାଯାଇଥିଲା ସେ ହେଉଛନ୍ତି ପୁଇଁତଳା ଥାନା ଶିକାବେହେଙ୍ଗା ଗ୍ରାମର ଉତ୍ତମ ନାଗ। ଏହି ଉତ୍ତମ ନାଗ ହେଉଛନ୍ତି ମୃତ ହର୍ଷ ଷାଣ୍ଡଙ୍କ ବଡପୁଅ ଲାଲ ଷାଣ୍ଡଙ୍କ ସମୁଦି। ଲାଲ ଷାଣ୍ଡଙ୍କ ବଡପୁଅ ପ୍ରଦୀପ ଶିକାବେହେଙ୍ଗା ଗ୍ରାମର ଉତ୍ତମ ନାଗଙ୍କ ଝିଅକୁ ବିବାହ କରିଛନ୍ତି। କିଛି ଦିନ ପୂର୍ବରୁ ପ୍ରଦୀପଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଜମି କିଣାବିକାରେ ପ୍ରଦୀପ ଓ ତାଙ୍କ ଶ୍ୱଶୁର ଉତ୍ତମ ନାଗ ଏବଂ ଜମିକ୍ରେତା ମାଧବ ପୃଷ୍ଟି ଏବଂ ଲବଣୀ ପୃଷ୍ଟି ସମ୍ପୃକ୍ତ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ମଧ୍ୟରେ ଟଙ୍କା ନେଣଦେଣ ହୋଇଥିଲା। ତେବେ ପ୍ରଦୀପଙ୍କ ଶ୍ୱଶୁରଙ୍କୁ ହର୍ଷ ଷାଣ୍ଡ ବୋଲି ଦର୍ଶାଇ ସବ୍‌ରେଜିଷ୍ଟ୍ରି ଅଫିସରେ ହାଜର କରାଯିବା ବିଷୟ ସବ୍‌ରେଜିଷ୍ଟ୍ରାର ଅଫିସର ଅଧିକାରୀ, କର୍ମଚାରୀ ଜାଣିଥିଲେ। ତହସିଲ ଅଫିସର ର୍‌ୟାକେଟ୍ ଏହାକୁ ପରିଚାଳନା କରୁଥିଲା ବୋଲି ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଏହି ଦିଗକୁ ତଦନ୍ତ କରୁଛି। ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଦେଢ଼ ଏକର ଜମି ହଡପ କରାଯାଇଥିବାରୁ ତହସିଲଦାର ବାଗଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେ ନିଜେ ତହସିଲଦାର ଅଫିସର ଜମି ଦଲାଲ ର୍‌ୟାକେଟ୍‌କୁ ପରିଚାଳନା କରୁଥିଲେ ବୋଲି ଚର୍ଚ୍ଚା ଜୋର ଧରିଛି। ମୃତ ହର୍ଷ ଷାଣ୍ଡଙ୍କ ପୁତ୍ର ଅବଦୁଲ ଷାଣ୍ଡ ସଦର ଥାନାରେ ତହସିଲଦାର ବାଗଙ୍କ ସମେତ ୯ ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ଜମି କିଣିବିକା ମାମଲାରେ ମାଧବ ପୃଷ୍ଟିଙ୍କ ଡ୍ରାଇଭର ନରେଶ ବେରିହା ଏବଂ ଦେବରାଜ ରାଉତ ସାକ୍ଷୀ ରହିଛନ୍ତି। ଏମାନେ ଉତ୍ତମ ନାଗଙ୍କୁ ହର୍ଷ ଷାଣ୍ଡ ବୋଲି କହିଥିଲେ। ଏହି ଦୁଇ ସାକ୍ଷୀଙ୍କୁ ପୋଲିସ ଜେରା କଲେ ସମସ୍ତ ତଥ୍ୟ ଜଣାପଡିଯିବ। ବାସ୍ତବରେ ଏହି ଜମି କିଣାବିକା ଷାଣ୍ଡ ପରିବାର ସଦସ୍ୟଙ୍କ ଅଗୋଚରରେ ହୋଇଛି କି ନାହିଁ ତାହା ସ୍ପଷ୍ଟ ହେବ। ତେବେ ତହସିଲଦାରଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଓ ପାସୱାର୍ଡ ବ୍ୟବହାର କରାଯାଇ ଦେଢ଼ ଏକର ଜମି ହଡପ କରାଯାଇଥିବା ସ୍ପଷ୍ଟ ହୋଇଥିବାରୁ ଏବେ ତହସିଲଦାର ବାଗ ଏବଂ ତାଙ୍କ ଅଫିସର କର୍ମଚାରୀଙ୍କ ସହ ତତ୍କାଳୀନ ସବରେଜିଷ୍ଟ୍ରାର ଏବଂ ସେଠାକାର କର୍ମଚାରୀଙ୍କୁ ବଡଧରଣର ତଦନ୍ତ କରାଯିବାକୁ ଲୋକେ ଦାବି କରିଛନ୍ତି। ବଲାଙ୍ଗୀରରେ ଜମି ହଡପ ମାମଲା ସବ୍‌ରେଜିଷ୍ଟ୍ରି ଅଫିସ ଏବଂ ତହସିଲ ଅଫିସରୁ ପରିଚାଳନା ହେଉଥିବା ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଛି।

## ପଥରଚେପାରେ ଜମି ହଡପ ଅଭିଯୋଗ

**ବଲାଙ୍ଗୀର ଅଫିସ, ୩।୭**

ବଲାଙ୍ଗୀର ସହର ଉପକଣ୍ଠ ପଥରଚେପା ଗାଁର ଶୁକ୍ରୁ ସୁନାଙ୍କ ପ୍ରାୟ ୩ଏକର ଜମିକୁ ହଡପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସେ ସଦର ଥାନା, ଏସ୍‌ପି, ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୨୦୧୫ ମସିହାରେ ସେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିଲେ। ସେଠାରୁ ୨୦୨୦ ମସିହାରେ ଫେରିଥିଲେ। ପଥରଚେପା ଫେରିବା ପରେ ତାଙ୍କର ଚାଷଜମିକୁ କେହି ସମାନ କରି ଦେଇ ପ୍ଲଟିଂ କରିଦେଇଥିବା ଅଭିଯୋଗ କରିଛନ୍ତି। ଏନେଇ ସଦର ଥାନାରେ ଏକ ମାମଲା (୨୫୪/୨୨) ରୁଜୁ ହୋଇଛି। ଏନେଇ ଥାନାରେ ପଚାରିବାରୁ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଶୁକ୍ରୁ ସୁନା ଯେଉଁ ଜମି ତାଙ୍କର ବୋଲି କହୁଛନ୍ତି ତାଙ୍କ ନାଁରେ ଥିବାର କୌଣସି ଡକ୍ୟୁମେଣ୍ଟ ନାହିଁ। ତାଙ୍କ ଭଉଣୀଙ୍କ ନାଁରେ ରହିଥିବା ଜମିକୁ ସେ ବିକ୍ରି କରିଛନ୍ତି ବୋଲି କହିଛନ୍ତି।

## ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ: ସୁପର ରାଇଡର ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଖଡ଼ିଆଳ,୩।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱରଠାରେ ଚାଲିଥିବା ପଞ୍ଚମ ପଞ୍ଚାୟତ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସୁପର ରାଇଡ଼ର ଦଳ ଏବଂ ଫାଇଟର କିଙ୍ଗ୍ ମଧ୍ୟରେ ହୋଇଥିଲା। ପ୍ରଥମେ ଫାଇଟର କିଙ୍ଗ୍ ଟସ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୭୧ ରନ ସଂଗ୍ରହ କରିଥିଲା। ଜବାବରେ ସୁପର ରାଇଡ଼ର ୮ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚ ଧାରା ବିବରଣୀ ଦେବରାଜ ଶବର କରିଥିବା ବେଳେ ଅମ୍ପାୟର ଭାବେ ଲଙ୍କେ ଶବର ଏବଂ ନିରାକାର ପୁଞ୍ଜି ଦାୟିତ୍ୱ ତୁଲାଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ସାନମହେଶ୍ୱର ସରପଞ୍ଚ ଆହ୍ଲାଦିନି ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଭାଇସ ଚେୟାରମ୍ୟାନ ଗୌତମ ତାଣ୍ଡି ଯୋଗଦେଇଥିଲେ। ଅତିଥି ଭାବେ ପୂର୍ବତନ ସରପଞ୍ଚ ବିଦୁର ଶବର, ଦଶମୁ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ୪ଟି ଦଳ ଭାଗ ନେଇଥିଲା। ଆୟୋଜକ କମିଟି ସଭାପତି ଦେବରାଜ ଶବରଙ୍କ ସମେତ ଅନିଲ ଭୋଇ, ଅନନ୍ତ ଶବର, ନବୀନ ହେର୍ଣ୍ଣା, ମନୋଜ ତାଣ୍ଡି, ସନ୍ତୋଷ ମେହେର, ନିମାଇ ଚରଣ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଘେରିଛି ଅନାବନା ଗଛ

**କୋକସରା,୩।୭(ଡି.ଏନ.ଏ.)**




କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ରହିଥିବା ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ତଳେ ଅନାବନା ଗଛ ଉଠି ଏବେ ଜଙ୍ଗଲ ଭ୍ରମ ସୃଷ୍ଟି କରିଛି। ଏଥିଯୋଗୁ ଅଘଟଣକୁ ନିମନ୍ତ୍ରଣ କରୁଥିବା ଦେଖିବାକୁ ମିଳୁଛି। ଅନାବନା ଗଛ ସବୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ରହିଛି। ରାସ୍ତା କଡରେ ଥିବାରୁ ଅନେକ ସମୟରେ ଗୃହପାଳିତ ପଶୁ ସମେତ ଅଜାଣତରେ ଲୋକ ମଧ୍ୟ ଯାତାୟାତ ବେଳେ ତାର ସଂସ୍ପର୍ଶରେ ଆସିବା ସମ୍ଭବନା ରହିଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ମଧ୍ୟ ସବୁ ଦେଖି ଅଜଣା ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ବ୍ରଜ ମୋହନ ଦଲେଇଙ୍କ ପ୍ରତିକ୍ରିୟା ନେବାରୁ ଆମ ପାଖରେ ଖବର ନ ଥିଲା। ସୋମବାର ଅନାବନା ଗଛ ସବୁ କାଟି ସଫା କରାଯିବ ବୋଲି କହିଛନ୍ତି। ସୂଚନା ଯେ, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳାରୁ ଅନେକ ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କେତେବେଳେ ମଣିଷ ତ କେତେବେଳେ ଗୃହପାଳିତ ପଶୁ ଦୁର୍ଘଟଣାର ଶିକାର ହେଉଛନ୍ତି।

## ଏସ୍‌ସି ମୋର୍ଚ୍ଚା ସାଙ୍ଗଠନିକ ବୈଠକ

**ଜାମଟିକ୍ରା,୩।୭(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ଥୁଆପାଲି ହରିଜନ ପଡାଠାରେ ରବିବାର ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ଗୌର ନାଗଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ଏସ୍‌ସି ମୋର୍ଚ୍ଚା ସଭାପତି ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିବା ସହିତ ସମସ୍ତ ହିତାଧିକାରୀ କିପରି କେନ୍ଦ୍ର ସରକାରଙ୍କ ଯୋଜନାରୁ ବଞ୍ଚିତ ନ ହେବେ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାର, ଭେଡେନ ବ୍ଲକ ଏମ୍‌ପି ପ୍ରତିନିଧି ବିପିନ ଭୋସାଗର, ସର୍କିଡା ମଣ୍ଡଳ ସାଧାରଣ ସମ୍ପାଦକ ଚନ୍ଦ୍ର ତାଣ୍ଡି, ପପଙ୍ଗା ମଣ୍ଡଳ ଏସ୍‌ସି ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର କୁଅଁର, ରାମଚନ୍ଦ୍ର ଛତ୍ରିଆ, କୃଷ୍ଣଚନ୍ଦ୍ର ବାଦୀ, ଚୂଡାମଣି ଓର୍ମା, ନେତ୍ରାନନ୍ଦ ତାଣ୍ଡି, ନୀଳମାଧବ ମହାନନ୍ଦ, ଭୁବନ ବିଟା ଛତ୍ରିଆ, କୁଳମଣି ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ମୋହିତ ମିଶ୍ର ଲୋଇସିଂହା ପାକ୍ସ ସଭାପତି ନିର୍ବାଚିତ

**ଲୋଇସିଂହା,୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ମୋହିତ ମିଶ୍ର ନିର୍ଦ୍ୱନ୍ଦ୍ୱରେ ରବିବାର ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି। ରବିବାର ନିର୍ବାଚନ ଅଧିକାରୀ ବସନ୍ତ କୁମାର ଛୁରିଆଙ୍କ ନିକଟରେ ସଭାପତି ପଦବୀ ପାଇଁ ମୋହିତ ଏକାକୀ ନାମାଙ୍କନ ଦାଖଲ କରିଥିଲେ । ଲଗାତାର ଦ୍ୱିତୀୟ ଥର ପାଇଁ ସେ ସଭାପତି ନିର୍ବାଚିତ ହୋଇଛନ୍ତି। ସବୁଧାରେ ଋଣ ଓ ଧାନବିକ୍ରିକୁ ସେ ପ୍ରାଥମିକତା ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ ମୋହିତ କହିଛନ୍ତି। ସେହିପରି ପାକ୍ସ ଅଧୀନ ୧୫ ୱାର୍ଡର ନିର୍ଦ୍ଦେଶକମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଅରବିନ୍ଦ ସାହୁ, ବ୍ଲକ ଅଧ୍ୟକ୍ଷ ଯତିନ୍ଦ୍ର ପଟେଲ ମୋହିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜୟ କିଷାନ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଖଡ଼ିଆଳ,୩।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମପଞ୍ଚାୟତର ଏକମାତ୍ର ଜୟ କିଷାନ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳିତ ରବିବାର ପାଳିତ ହୋଇଯାଇଛି। ଜୁଲାଇ ୩ ତାରିଖରେ ୧୯୭୨ରେ ଜୟ କିଷାନ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ଦୀର୍ଘ ୫୦ ଦଶନ୍ଧି ଧରି ଶିକ୍ଷାର ଆଲୋକ ପ୍ରଦାନ କରି ଅଞ୍ଚଳରେ ଉତ୍ତମ ନାଗରିକ ଗଠନ କରିପାରିଛି। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପ୍ରଧାନ ଶିକ୍ଷକ ଲୋକେଶ ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ରଘୁନାଥ ପଣ୍ଡା, ସମ୍ମାନିତ ଅତିଥି ସୁରେଶ ମୁଣ୍ଡ, ରମେଶ ଠାକୁର, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ସମାଜ ସେବୀ ସଞ୍ଜୟ ତିୱାରୀ, ସମିତି ସଭ୍ୟା ରଶ୍ମିତା ବାରିକ, ଶ୍ୟାମ କୁମାର ମୁଣ୍ଡ ଏବଂ ମୁଖ୍ୟବକ୍ତା ରୂପେ ଅସର ପ୍ରାପ୍ତ ଫରେଷ୍ଟ ଏସିଏଫ ଜୟରାମ ଶବର ଯୋଗଦେଇଥିଲେ। ଏହି ହାଇସ୍କୁଲ ଦ୍ୱାରା ନିଜେ ଉଚ୍ଚ ଶିକ୍ଷା ଗ୍ରହଣ କରି ଜାତି, ସଂସ୍କୃତି ଏବଂ ସଭ୍ୟତାକୁ ବିକଶିତ କରିବାରେ ସହାୟକ ହୋଇପାରିଛି। ଏହି ଅବସରରେ ଅତିଥିମାନେ ସ୍କୁଲର ଉନ୍ନତି କାମନା କରିଛନ୍ତି।

## ଯୋଗୀସର୍ଡା ପାକ୍ସ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପାକ୍ସ ନିର୍ଦ୍ଦେଶକମାନେ।

**ଲୋଇସିଂହା,୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲର ଫାର୍ମ ହାଉସରେ ଯୋଗୀସର୍ଡା କୃଷି ସମବାୟ ସମିତିର ନବ ନିର୍ବାଚିତ ନିର୍ଦ୍ଦେଶକଙ୍କୁ ବିଜେଡି ତରଫରୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଲିଳିମା ବେହେରା ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ସଭାପତି ସୁଶାନ୍ତ ମିଶ୍ର, ସରପଞ୍ଚ ପ୍ରଶାନ୍ତ ବେହେରା, ସମିତି ସଭ୍ୟ ଅଜିତ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପାକ୍ସର ବିଭିନ୍ନ ୱାର୍ଡରୁ ବିଜୟୀ ପ୍ରଦୀପ କୁମାର ତ୍ରିପାଠୀ, ଲେକ୍ରୁସାହୁ, ରଙ୍କମଣୀ ବିଶ୍ୱାଳ, ଗୌର ସେଠ, ସନ୍ନ୍ୟାସୀ ନାଏକ, ସମ୍ପତି ନନ୍ଦ, ସୁଭାସିନୀ ଧରୁଆ, ପାଣ୍ଡବ ବାଗ, ହୃଦୟାନନ୍ଦ ବେହେରା, ମାଟୁ ଡାଙ୍ଗ, ମାର୍କଣ୍ଡ ବିଶ୍ୱାଳ, ସଞ୍ଜୟ ସାହୁ ଓ ଗୌରୀ ସାହୁଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବଳୟା ହାଇସ୍କୁଲରେ ବନମହୋତ୍ସବ

**ଅମରପାଲି,୩।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିରାମହରାଜପୁର ବ୍ଲକ ସୁବଳୟା ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡ଼କ୍ରସ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣର ଉପକାରିତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଜୁନିଅର ରେଡ଼କ୍ରସ ପରାମର୍ଶଦାତା ତଥା ସାଧନକର୍ମୀ ଚନ୍ଦ୍ରମଣି ବାଘ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।



ସୁବଳୟା ହାଇସ୍କୁଲରେ ବନମହୋତ୍ସବ ଅବସରରେ ଛାତ୍ରୀମାନେ।

# ପହିଲ ଆଷାଢ଼ କବିତା ପାଠୋତ୍ସବ

**ମୁରିବାହାଲ, ୩।୭(ଡି.ଏନ.ଏ.)**




ପାଠୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ପରିସରରେ ରବିବାର ଟିଟିଲାଗଡ଼ କୋଶଲି ଭାଷା ସୁରକ୍ଷା ସମିତି ପକ୍ଷରୁ ପହିଲ ଆଷାଢ଼ କବିତା ପାଠ ଉତ୍ସବ ସହ ରଥେ ମହାପ୍ରଭୁ ଗୀତେ କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ସମିତି ଅଧ୍ୟକ୍ଷ ଦିଲୀପ କୁମାର ପସାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ନାରାୟଣ ମିଶ୍ର, ଅଧ୍ୟାପକ ବିନୟ କୁମାର ଦାସ, ଅସରପ୍ରାପ୍ତ ସ୍କୁଲ ନିରୀକ୍ଷକ ସେବକ ଚନ୍ଦ୍ର ଦାସ, ଦୁର୍ଗାନନ୍ଦ ମହାକୁର ଯୋଗଦେଇଥିଲେ। କୋଶଲି ଭାଷାକୁ ମାନ୍ୟତା ଦେବା ସହ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇବ ଉପରେ ଅତିଥିମାନେ ମତ ରଖିଥିଲେ। ସେହିପରି କୋଶଳ ଭାଷା ସୁରକ୍ଷା ସମିତି ତାରଫରୁ ଆସନ୍ତା ଦିନରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ଏ ନେଇ ଲିଖିତଭାବେ ଅବଗତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମସ୍ୟାକୁ ନେଇ ଅଗଷ୍ଟ ୮ ତାରିଖରେ ଦିଲ୍ଲୀସ୍ଥିତ ଜନତର ମନତରରେ ଆନ୍ଦୋଳନ କରିଯିବା ବୋଲି ନିଷ୍ପତ୍ତି ନିଆଯାଇଛି। କୋଶଲି ଭାଷା ସୁରକ୍ଷା ସମିତିର ପ୍ରତିଷ୍ଠାତା ଭିକାରୀ ଚରଣ ମିଶ୍ର, ନୀଳମଣି ସାହୁ ଆଗାମୀ ଦିନରେ ପ୍ରତି ଗ୍ରାମସ୍ତରରେ କୋଶଲି ଭାଷା ଆନ୍ଦୋଳନକୁ ପହଞ୍ଚାଇ ପାଇଁ ଆହ୍ୱାନ ଦେଇଥିଲେ। ଜ୍ୟୋତି ପ୍ରକାଶ ଗଡ଼ତିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କବି ଗଜାନନ ମିଶ୍ର, ମହେନ୍ଦ୍ର ପାଣିଗ୍ରାହୀ, ଯଶୋବନ୍ତ ସାହୁ, ଲିଲୁମୋହନ ପଧାନ, ମଧୁସୂଦନ ନାଗ, ତରାଣୀସେନ ଦୀପ, ପୁଲସ୍ତି ବେହେରା, ସୁଦାମ ଚରଣ ବଘାର, ଚୈତନ୍ୟ ମହାନନ୍ଦ, ପ୍ରସାଦି କମ୍ପ, ଭାଗତ ନାଗ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।